## ପିପିଲିରେ ଚାଷୀ ସଚେତନତା କାର୍ଯ୍ୟକ୍ରମ

# କେନାଲରେ ପାଣି ଆସୁ ନ ଥିବାରୁ ଚାଷୀ ଅସନ୍ତୁଷ୍ଟ

**ପିପିଲି,୨୫।୨(ସମିସ):** ପିପିଲି ବ୍ଲକ୍‌ର ଦାଣ୍ଡମୁକୁନ୍ଦପୁରଠାରେ ପିପିଲି ବ୍ଲକ୍ କୃଷି ଓ କୃଷକ ସଶକ୍ତୀକରଣ କାର୍ଯ୍ୟାଳୟ ପକ୍ଷରୁ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ବହୁ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସଚେତନତା କରାଇଥିଲେ। ପ୍ରତ୍ୟେକ



ଚାଷୀ ସେମାନେ କରିଥିବା ବିଭିନ୍ନ ଫସଲର ରୋଗପୋକ ଓ ତାହାର ନିରାକରଣ ଉପରେ କିଭଳି ଗୁରୁତ୍ୱ ଦେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଉପସ୍ଥିତ ଥିବା ଚାଷୀମାନଙ୍କର ବହୁବିଧ ସମସ୍ୟା ଶୁଣିଥିଲେ। ତେବେ ଚାଷୀମାନଙ୍କର ମୁଖ୍ୟ ସମସ୍ୟା ଥିଲା ଡେଲାଙ୍ଗ ଡିଷ୍ଟ୍ରିବ୍ୟୁଟାରୀରୁ ପିପିଲିରୁ ବାହାରିଥିବା ଦାଣ୍ଡମୁକୁନ୍ଦପୁର ମାଇନରରେ ଦାଣ୍ଡମୁକୁନ୍ଦପୁର ପର୍ଯ୍ୟନ୍ତ ପାଣି ଆସୁ ନ ଥିବାରୁ ପାଣି ବିନା ଚାଷ କାର୍ଯ୍ୟ ବ୍ୟାହାତ ହେଉଛି। ମାଇନରରେ ପାଣି ଆସୁ ନ ଥିବାବେଳେ ଚାଷୀ କିନ୍ତୁ ଜଳକର ଦେଉଛି। ଚାଷୀଙ୍କ ଅଭିଯୋଗକୁ ଗ୍ରହଣ କରି ପୁରୀ ଜିଲ୍ଲା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇବାକୁ ଚାଷୀମାନଙ୍କୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କହିଥିଲେ। ଏହି ବୈଠକରେ ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ. ଶରତ କୁମାର ବେହେରା, ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟକାନ୍ତ ମିଶ୍ର, ପିପିଲି ବ୍ଲକ୍ ପ୍ରାଣୀଧନ ନିରୀକ୍ଷକ ଆଲୋକ ମିଶ୍ର, ପିପିଲି ବ୍ଲକ୍ କୃଷି ଅଧିକାରିଣୀ ସୌମିତ୍ରା ମହାନ୍ତି, ସହକାରୀ ଫିସେରୀ ଅଧିକାରିଣୀ ଅରୁଣ୍ରୀ ବିଶ୍ୱାଳ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ବନାନୀ ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର ଏବଂ ଗାଁ ସାଥି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ସମସ୍ତ ଅଧିକାରୀ ଚାଷୀମାନଙ୍କର କ୍ଷେତକୁ ଯାଇ ଫସଲର ରୋଗପୋକକୁ ନିରୀକ୍ଷଣ କରିଥିଲେ। ଫସଲକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ବଡ଼ଓରାରେ ଅଗ୍ନିକାଣ୍ଡ

# ଝିଅ ବାହାଘର ପାଇଁ ଥିବା ଫର୍ଣ୍ଣିଚର ପାଉଁଶ



**କଣାସ,୨୫।୨(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ବଡାଳ ଗ୍ରାମପଞ୍ଚାୟତର ବଡ଼ଓରା ଗ୍ରାମରେ ମଙ୍ଗଳବାର ମଧ୍ୟରାତ୍ରରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ସାହୁଙ୍କ ବାସଗୃହ ପାଉଁଶ ହୋଇଯାଇଛି। ଉକ୍ତ ଗୃହରେ ଝିଅକୁ ଦେବା ପାଇଁ ତିଆରି କରି ରଖିଥିବା ଫର୍ଣ୍ଣିଚର ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଜଣେ ମହିଳା ବାହାରକୁ ଉଠିଥିବାବେଳେ ଦେଖନ୍ତି ତ ନିଆଁ ଜଳୁଛି। ସେ ଡାକ ପକାଇବାରୁ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗଡ଼ଖାରଦ ରାଜସ୍ୱ ନିରୀକ୍ଷକ ସରୋଜ କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛନ୍ତି।

# ବାଲି କପିଳେଶ୍ୱରଙ୍କ ପୀଠରେ ମହାରୁଦ୍ର ଯଜ୍ଞ ପୂର୍ଣ୍ଣାହୁତି



**ଡେଲାଙ୍ଗ,୨୫।୨(ସମିସ):** ଡେଲାଙ୍ଗ ବ୍ଲକ୍ ବେରବୋଇ ପଞ୍ଚାୟତର ଡଁପୁରସ୍ଥିତ ବାବା ବାଲି କପିଳେଶ୍ୱର ଦେବଙ୍କ ପୀଠରେ ୧୩ତମ ବାର୍ଷିକ ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ ଉତ୍ସବ ଆୟୋଜିତ ହୋଇଯାଇଛି। ଗୁଆଳିପଡ଼ାସ୍ଥିତ ଖେଳୁଆ ପୋଖରୀରୁ ୫୪ଜଣ ମାନସିକଧାରୀ କଳସ ବୁଡ଼ାଇ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ଏହି ଅବସରରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋମାତା ପୂଜା, ଅଗ୍ନିସ୍ଥାପନ, ସର୍ବ ଦେବଦେବୀ ଆବାହନ, ରୁଦ୍ରାଭିଷେକ ଏବଂ ଯଜ୍ଞ ଆହୁତି ଆଦି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ଦୁର୍ଯ୍ୟୋଧନ ପରିଡ଼ା ବିଧି ମୁତାବକ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୁରୋହିତ ତ୍ରିବିକ୍ରମ ମିଶ୍ର ଯଥାବିଧି ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ମନ୍ଦିର ପୂଜକ ରାମଚନ୍ଦ୍ର ମହାପାତ୍ର ଓ ସହଯୋଗୀ ପଣ୍ଡିତମାନେ ପୂଜାବିଧିରେ ସହଯୋଗ କରିଥିଲେ। ପବିତ୍ର କିଶୋର ପରିଡ଼ା, ବିକ୍ରମ କେଶରୀ ପରିଡ଼ା, ସାଧୁଚରଣ ପରିଡ଼ା, ଭିକାରୀ ବରାଳ, ପୂର୍ଣ୍ଣଚନ୍ଦ୍ର ବରାଳ, ପ୍ରଶାନ୍ତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ପୂର୍ଣ୍ଣାହୁତି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ।

# ଶ୍ରୀପତିତପାବନ ଦେବଙ୍କ ନବମ ପଞ୍ଚରାତ୍ର କଥାମୃତ

**ବଲଙ୍ଗା,୨୫।୨(ସମିସ):** ବଲଙ୍ଗା ଥାନା ଅନ୍ତର୍ଗତ ବାଲିଘାଇଠାରେ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ନବମ ପଞ୍ଚରାତ୍ର କଥାମୃତ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗ୍ରାମର ଲୋକମାନଙ୍କ ଦ୍ୱାରା କଳସ ଯାତ୍ରା, ପରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଅଗ୍ନିସ୍ଥାପନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଞ୍ଚରାତ୍ର ଧରି ପ୍ରବକ୍ତା ଶୁକଦେବ ମହାରଣା, କୈଳାସ ଚନ୍ଦ୍ର ପଣ୍ଡା ଅଞ୍ଚଳବାସୀଙ୍କୁ କଥାମୃତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପତିତପାବନର ବଡ଼ ପଣ୍ଡା ପରମା ଚନ୍ଦ୍ର ପଣ୍ଡା, ସନ୍ତୋଷ ରଥ, ବ୍ୟାସ ଶ୍ରୀ ରଘୁନାଥ ଆନନ୍ଦଚୈତନ୍ୟ ପ୍ରମୁଖ ସହଯୋଗ କରିଥିଲାବେଳେ ଆଖପାଖ ଅଞ୍ଚଳର ଲୋକମାନଙ୍କ ସହଯୋଗରେ ରାତିରେ ୩ହଜାର ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

# ଆମ ପୁଲିସ ସଚେତନତା କାର୍ଯ୍ୟକ୍ରମ



**କଣାସ,୨୫।୨(ସମିସ):** କଣାସ ଥାନା ପକ୍ଷରୁ ବୁଧବାର ଗଡ଼ସାନପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଆମ ପୁଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଡ଼ସାନପୁଟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ କଣାସ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ମହାନ୍ତି, ଚୌଦମୌଜା ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁଚରଣ ସାମନ୍ତରାୟ, ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ ରବିନ୍ଦ୍ର କୁମାର ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ପୁଲିସ ଏବଂ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତ ରହିବ। କୌଣସି ବ୍ୟକ୍ତି ଅସୁବିଧାରେ ପଡ଼ିଲେ କାହା ମାଧ୍ୟମରେ ଥାନାକୁ ନ ଯାଇ ନିଜେ ଯାଇ ଥାନା ଅଧିକାରଙ୍କୁ ଦେଖାହେବା ପାଇଁ କଣାସ ଥାନା ଅଧିକାରୀ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ଉପସ୍ଥିତ ଗ୍ରାମବାସୀମାନେ ଥାନାର ଦ୍ୱାରସ୍ଥ ହେଲେ କିପରି ନ୍ୟାୟ ମିଳିପାରୁ ନାହିଁ ସେ ସମ୍ପର୍କରେ ବଖାଣିଥିଲେ।

# ହରିନାମ ସଂକୀର୍ତ୍ତନରେ କମ୍ପିଲା ଆଳସାହି ଗାଁ



**ଅସ୍ତରଙ୍ଗ,୨୫।୨(ସମିସ):** ଅସ୍ତରଙ୍ଗ ବ୍ଲକ୍ ଆଳସାହି ପଞ୍ଚାୟତର ଆଳସାହି ଗ୍ରାମ ହରିନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଛି। ମଙ୍ଗଳବାର ପଞ୍ଚସଖା କଳସ ସହିତ ଅନ୍ୟ କଳସ ଘଟ ପବିତ୍ର ଦେବୀ ନଦୀରୁ ଉଠାଯାଇ ଘଟ ସ୍ଥାପନ କରାଯିବା ପରେ ବୁଧବାର ଅଷ୍ଟମ ପ୍ରହରୀ ନାମଯଜ୍ଞକୁ ନଦିଆ କୀର୍ତ୍ତନରେ ସ୍ୱତନ୍ତ୍ର ଭାବମୟ ପରିବେଶ ସୃଷ୍ଟି ହୋଇଛି। ପ୍ରତ୍ୟେକଙ୍କ ଘରେ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପାଇଁ ନିଷ୍ଠାସେବା ଉଦ୍ୟମ ଜାରି ରହିଛି। ମା’ ବାସୁଳେଈଙ୍କ ମନ୍ଦିର ନିକଟରେ ଏହି ନାମଯଜ୍ଞ ଅହୋରାତ୍ର ଅନୁଷ୍ଠିତ ହୋଇଛି। ମା’ଙ୍କୁ ସୁନ୍ଦର ଭାବେ ମାର୍ଜନା, ମଇଲମ, ପାଟ ବସ୍ତ୍ରରେ ଶୃଙ୍ଗାର କରାଯାଇଛି। ନାମଯଜ୍ଞରେ ଶତାଧିକ ବରିଷ୍ଠ ଲୋକଙ୍କ ସହିତ ଆଖପାଖ ଅନେକ ଅଞ୍ଚଳର ଲୋକମାନେ ଯୋଗଦେଉଛନ୍ତି। ଚଳିତ ବର୍ଷ ଏହି ଅଷ୍ଟମ ପ୍ରହର ନାମଯଜ୍ଞରେ ଆଳସାହି ଗ୍ରାମର ପୀତବାସ ବିଶ୍ୱାଳ ଓ ତାଙ୍କ ସହଧର୍ମିଣୀ ମାଳତୀ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ନାନାଦି ଫଳ, ଅନ୍ନ, ଗଜାମଣ୍ଡା, ବିଭିନ୍ନ ମିଠା ଭୋଗ ଲାଗି ହୋଇଛି ପ୍ରଭୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ। ପବିତ୍ର ଉତ୍କଳର ବୈଷ୍ଣବ ଧର୍ମ ପ୍ରଚାର ପାଇଁ ଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚସଖା ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ ଓ ବଳରାମ ଦାସଙ୍କ ଉଦ୍ଦେଶ୍ୟରେ ଆଜି ଆମ ପୁରପଲ୍ଲୀରେ ତାଙ୍କ ମହିମାକୁ ବିଖ୍ୟାତ କରାଯାଇଛି ବୋଲି ଉପସ୍ଥିତ କର୍ତ୍ତା କହିଛନ୍ତି। ଧୂପ, ଦୀପ, ନୈବେଦ୍ୟରେ ସମ୍ପୂର୍ଣ୍ଣ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଏହି ହରିହାଟରେ ଲୋକମାନଙ୍କ ଭିତରେ ଆଧ୍ୟାତ୍ମିକ ପରିବେଶ ଓ ଜାଗରଣ ସୃଷ୍ଟି କରିବା ଏବଂ କୋଟି ସନାତନୀଙ୍କୁ ଆମ ଜଗନ୍ନାଥ ସଂସ୍କୃତି ସହ ଯୋଡ଼ି ହୋଇ ରଖିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ତ୍ତା ପୀତବାସ ବିଶ୍ୱାଳ ମତ ଦେଇଛନ୍ତି। ଏହି ଯଜ୍ଞରେ କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ଆଶିଷ ଭିକ୍ଷା କରିଛନ୍ତି।

## ୨ ବେଆଇନ କରତ କଳରେ ଚଢ଼ଉ

# ଟ୍ରାକ୍ଟର ସହିତ ମୂଲ୍ୟବାନ ଯନ୍ତ୍ରାଂଶ ଜବତ



**ଡେଲାଙ୍ଗ,୨୫।୨(ସମିସ):** ଡେଲାଙ୍ଗରେ ଚାଲୁଥିବା ୨ଟି ବେଆଇନ କରତକଳ ଉପରେ ବନ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ୨ଟି ସ୍ଥାନରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହିତ ୨ଟି ଟ୍ରାକ୍ଟର ଇଞ୍ଜିନ୍ ଜବତ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଡେଲାଙ୍ଗ ବ୍ଲକ୍ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତର ବିଳାସପୁର ଓ ଜେନାପୁର ପଞ୍ଚାୟତର ଟୋଲାପଡ଼ାଠାରେ ଦୀର୍ଘ ଦିନ ଧରି ବେଆଇନ ଭାବେ କରତକଳ ଚାଲୁଥିବା ବନ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ କର୍ମଚାରୀ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ୨ଟି ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ଖବର ପାଇ କରତ କଳ କର୍ମଚାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ଟ୍ରାକ୍ଟର ସହିତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶକୁ ବିଭାଗ ପକ୍ଷରୁ ଗ୍ୟାସ୍ କଟର ସାହାଯ୍ୟରେ କଟାଯାଇଥିଲା। ସମସ୍ତ ସାମଗ୍ରୀ ସହିତ ସେଠାରେ ପଡ଼ିଥିବା କାଠଗୁଡ଼ିକୁ ମଧ୍ୟ ବିଭାଗ ଜବତ କରିଥିବା ଜଣାପଡ଼ିଛି।

# ନିମାପଡ଼ା ଦୋଳବେଦୀ ଛକରେ ଯୁବ କଂଗ୍ରେସର ବିକ୍ଷୋଭ

**ନିମାପଡ଼ା,୨୫।୨(ସମିସ):** ନିମାପଡ଼ା ବ୍ଲକ୍ ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ସେଠୀଙ୍କ ନେତୃତ୍ୱରେ ଦଳର ଯୁବ କର୍ମୀ ଦୋଳବେଦୀ ଛକଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଦଳର ରାଷ୍ଟ୍ରୀୟ ଯୁବ ସଭାପତି ଶ୍ରୀ ଭାନୁଚିଙ୍କୁ ବେନିୟମ ଭାବେ ଯେଉଁଭଳି ଗିରଫ କରାଯାଇଛି ତାହାକୁ ଯୁବ କଂଗ୍ରେସ ତୀବ୍ର ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ରରେ କ୍ଷମତାସୀନ ମୋଦୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁଚିଙ୍କୁ ବେନିୟମ ଭାବେ ଗିରଫ



କରିବା ପ୍ରତିବାଦରେ ବୁଧବାର ନିମାପଡ଼ା ଦୋଳବେଦୀ ଛକଠାରେ ବ୍ଲକ୍ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପରିପେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଯୁବ କଂଗ୍ରେସ କର୍ମୀମାନେ ଦାହ କରିଥିଲେ। ଯଦି ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଭାନୁଚିଙ୍କୁ ନିର୍ଦ୍ଦୋଷରେ ଖଳାସ କରା ନ ଯାଏ, ତେବେ ଏହି ବିକ୍ଷୋଭ ଆନ୍ଦୋଳନ ଆଗାମୀ ଦିନରେ ବ୍ୟାପକ ହେବା ସହିତ ବିଜେପି ନେତାଙ୍କୁ ସବୁଆଡ଼େ ବିରୋଧ କରାଯିବ ବୋଲି ବ୍ଲକ୍ ଯୁବ ସଭାପତି ଶ୍ରୀ ସେଠୀ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ନାରୀନେତ୍ରୀ ରେଣୁ ମାଝୀ, ସୋନାଲି ବିଶ୍ୱାଳ, ଯୁବ ନେତା ରାଜକିଶୋର ସାହୁ, ମିହିରଧର ଭୋଇ, ଅଜୟ ପରିଡ଼ା, ପୃଥ୍ୱୀରାଜ ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# କୋଣାର୍କ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନା ଦାବି

**କୋଣାର୍କ,୨୫।୨(ସମିସ):** କୋଣାର୍କ ଗାନ୍ଧୀ ଭାବରେ କୋଣାର୍କ ଅଞ୍ଚଳରେ ପରିଚିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କୃପାସିନ୍ଧୁ ପରିଡ଼ାଙ୍କ ସ୍ମୃତିରେ ଏକ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି କୁରୁଜଙ୍ଗ ପଞ୍ଚାୟତ ବିକାଶ ମଞ୍ଚ। କୁରୁଜଙ୍ଗ ପଞ୍ଚାୟତ ବିକାଶ ମଞ୍ଚ ପକ୍ଷରୁ ଏହି ଦାବିକୁ ଐତିହାସିକ ଓ ନ୍ୟାୟସଙ୍ଗତ ବୋଲି ବର୍ଣ୍ଣନା କରାଯାଇଛି। ସ୍ୱର୍ଗୀୟ କୃପାସିନ୍ଧୁ ପରିଡ଼ା ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାଗ ନେଇ ଇଂରେଜ ଶାସନ ବିରୋଧରେ ଅହିଂସା ସଂଗ୍ରାମକୁ ଶକ୍ତିଶାଳୀ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ସେ ଗିରଫ ହୋଇ କାରାବାସ ଭୋଗ କରିଥିଲେ। ତାଙ୍କ ଅତୁଟ ଦେଶପ୍ରେମ ଓ ତ୍ୟାଗମୟ ଜୀବନ ଆଜି ମଧ୍ୟ ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣାର ସ୍ରୋତ ରୂପେ ରହିଛି। ସ୍ୱାଧୀନତାର ୨୫ତମ ବର୍ଷ ପୂର୍ତ୍ତି ଅବସରରେ ୧୯୭୨ ମସିହାରେ ଭାରତ ସରକାର ତାଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରି ତାମ୍ରପତ୍ର ପ୍ରଦାନ କରିଥିଲେ, ଯାହା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହସ୍ତରେ ଭେଟି ଦିଆଯାଇଥିଲା। ଏହା ତାଙ୍କ ଜୀବନ ସଂଗ୍ରାମର ଜାତୀୟ ସ୍ୱୀକୃତି ରୂପେ ଗଣ୍ୟ ହେଉଛି। କିନ୍ତୁ ଦୁଃଖର ବିଷୟ ଯେ, ଏପର୍ଯ୍ୟନ୍ତ ତାଙ୍କ ସ୍ମୃତିରେ କୌଣସି ସ୍ଥାୟୀ ସ୍ମାରକ ସ୍ଥାପିତ ହୋଇନାହିଁ। ଏ ନେଇ କୁରୁଜଙ୍ଗ ପଞ୍ଚାୟତ ବିକାଶ ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି ଯେ, କୁରୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ପ୍ରତିମୂର୍ତ୍ତି ସ୍ଥାପିତ ହେଲେ ଏହା ଆଗାମୀ ପିଢ଼ିଙ୍କୁ ଦେଶପ୍ରେମ, ସତ୍ୟାଗ୍ରହ ଓ ତ୍ୟାଗର ମୂଲ୍ୟ ବୁଝାଇବାରେ ମାର୍ଗଦର୍ଶକ ହେବ। ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏହା ମାଧ୍ୟମରେ ଇତିହାସ ସହ ଯୋଡ଼ି ହୋଇ ରହିବେ। ଗ୍ରାମବାସୀମାନେ ଏହାକୁ କେବଳ ଏକ ପ୍ରତିମୂର୍ତ୍ତି ନୁହେଁ, ବରଂ ଅଞ୍ଚଳର ଗୌରବ ଓ ଐତିହାସିକ ପରିଚୟକୁ ସୁରକ୍ଷିତ କରିବାର ପ୍ରୟାସ ବୋଲି ମତ ପ୍ରକାଶ କରିଛନ୍ତି।

# ବଚପନ ପ୍ଲେ ସ୍କୁଲ୍ ଓ ରିଭର ବ୍ୟାଙ୍କ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକୋତ୍ସବ

**ନିମାପଡ଼ା,୨୫।୨(ସମିସ):** ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅମଲାପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ଓ ରିଭର ବ୍ୟାଙ୍କ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ୬ଷ୍ଠ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ପୂର୍ଣ୍ଣେଶ୍ୱରୀ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ଶିକ୍ଷାବିତ୍ ତାପସ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ଏବିଇଓ ପୁଷ୍ପମିତ୍ରା ମିଶ୍ର, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ପ୍ରଶାସନିକ ଅଧିକାରୀ ସୁମିତ୍ରା ବେହୁରା, ଉପଦେଷ୍ଟା ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍କୁଲର



ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଭା ଆଶୁତୋଷ ପ୍ରଧାନ, ତୀର୍ଥରାଜ ସାହୁ, ଆରିୟାଦୀପ ଚାଣକ୍ୟ, ଅନୁସ୍ମିତା ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲ କାଉନ୍‌ସିଲର ସ୍ୱର୍ଣ୍ଣଲତା ସାହୁ ବାର୍ଷିକ ବିବରଣୀ ପଠନ କରିଥିବାବେଳେ, ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ପରିଚାଳକ ଅନ୍ତର୍ଯ୍ୟାମୀ ମୁଦୁଲିଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବ୍ୟବସ୍ଥା ଘେରରେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ପାଳି କରି ଆସୁଛନ୍ତି ଡାକ୍ତର; ରୋଗୀ ହନ୍ତସନ୍ତ

**ରଣପୁର,୨୫।୨(ସମିସ):** ସରକାର କୋଟି କୋଟି ଟଙ୍କା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚ କରି ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗେଇଦେବା ପାଇଁ ଉନ୍ନତମାନର ଚିକିତ୍ସା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏବେ ବି ଅବହେଳିତ ଓ ଅବ୍ୟବସ୍ଥା ଘେରରେ ରହିଛି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକମାନେ ନିର୍ଭର କରିଥାନ୍ତି। କିନ୍ତୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ସାଜିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏଠାରେ ଡାକ୍ତର ସମସ୍ୟା ଥିବାବେଳେ ପାଳିରେ ଚାଲିଛି ଡାକ୍ତରଖାନା। ଫଳରେ ସ୍ୱାସ୍ଥ୍ୟସେବା ପାଇଁ ଆସୁଥିବା ଶତାଧିକ ରୋଗୀ ଓ ତାଙ୍କ ସାଙ୍ଗରେ ଆସିଥିବା ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ନ ପାଇ ଅସନ୍ତୋଷ ହୋଇ ଦୂରଦୂରାନ୍ତକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀକାଳୀନ ପରିସ୍ଥିତି ପାଇଁ ୨ଟି ଲିଫ୍ଟର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ି ରହିଛି। ଫଳରେ ଜରୁରୀକାଳୀନ ସ୍ଥିତିରେ ଥିବା ରୋଗୀମାନେ ଯନ୍ତ୍ରଣା ଭୋଗୁଛନ୍ତି। ଏଠାରେ ନିୟୋଜିତ କମ୍ପାଉଣ୍ଡରମାନେ ଜରୁରୀକାଳୀନ ପରିସ୍ଥିତିରେ ଥିବା ରୋଗୀମାନଙ୍କୁ ସେବା ଯୋଗାଇଦେବା ପରିବର୍ତ୍ତେ ଏଣେତେଣେ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଡାକ୍ତର ଫୋନ୍ କରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ରୋଗୀ ସେବା କରୁଥିବାର ଅଭିଯୋଗ ହେଉଛି। ପ୍ରତିଦିନ ଯେଉଁ ଡାକ୍ତରଙ୍କ କାର୍ଯ୍ୟ ରହିଛି, ସେଥିପାଇଁ ଏକ ବୋର୍ଡରେ ଡାକ୍ତରଙ୍କ ନାମ ସହିତ କେଉଁ ସମୟରେ କାର୍ଯ୍ୟରେ ନିୟୋଜିତ ହେବେ ତାହାର ସୂଚନା ବିବରଣୀ ସେହି ବୋର୍ଡରେ ଲେଖା ରହିଥାଏ। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରେ ନିୟୋଜିତ ଥିବା ଡାକ୍ତରଙ୍କ ନାମ ବୋର୍ଡରେ ରହିବା ପରିବର୍ତ୍ତେ ପୂର୍ବ ଦିନର ଡାକ୍ତରଙ୍କ ନାମ ଲେଖା ରହିଥାଏ। ଫଳରେ ରୋଗୀ ଦେଖା କରିବାକୁ ଆସିଥିବା ଡାକ୍ତରଙ୍କୁ ଦେଖା ନ କରି ନିରାଶ ହୋଇ ଫେରିଯାଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ସଂକ୍ରମଣକୁ ଦୂରେଇବା ପାଇଁ ବେଡ୍ ଉପରେ ସଫା ବେଡ୍ ସିଟ୍ ବିଛା ଯାଇଥାଏ। କିନ୍ତୁ ରୋଗୀମାନଙ୍କ ଶେଯ ଉପରେ ବେଡ୍ ସିଟ୍ ବିଛା ଯାଉ ନ ଥିବାର ଅଭିଯୋଗ ହେଉଛି। ଫଳରେ ସଂକ୍ରମଣ ବୃଦ୍ଧିକୁ ଏଡ଼ାଇ ଦିଆଯାଇ ନ ପାରେ। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବରେ ଲାଗିଛି। ଶ୍ରମିକ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଅଂଶୁଘାତର ଶିକାର ହେବାର ସମ୍ଭାବନା ରହି ମଧ୍ୟ ଅଂଶୁଘାତ କକ୍ଷରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି। ପ୍ରସୂତି ମହିଳାଙ୍କ ଯୋଗ

- **ଦୀର୍ଘ ଦିନ ହେଲାଣି ୨ଟି ଯାକ ଲିଫ୍ଟ ଅଚଳ**
- **ଅଂଶୁଘାତ କକ୍ଷରେ ଝୁଲୁଛି ତାଲା**
- **ନିରାମୟରେ ମିଳୁନି; ରୋଗୀ ବାହାରୁ କିଣୁଛନ୍ତି ଔଷଧ**

ଶିକ୍ଷା କକ୍ଷରେ ପ୍ରସୂତି ମହିଳାମାନଙ୍କୁ ଯୋଗ ଶିକ୍ଷା ଦିଆଯିବା ପରିବର୍ତ୍ତେ ସେହି କକ୍ଷକୁ ସିକ୍ୟୁରିଟିମାନେ ଅକ୍ତିଆର କରି ରହୁଥିବାର ଜଣାପଡ଼ିଛି। ବରିଷ୍ଠ ନାଗରିକମାନଙ୍କ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଆଖିଦୃଶିଆ ବ୍ୟବସ୍ଥା ନ ଥିବାବେଳେ ବହୁବାର ସିକ୍ୟୁରିଟିମାନଙ୍କ ଦ୍ୱାରା ପ୍ରତାରିତ ହେଉଥିବାର ଅଭିଯୋଗ ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉଥିବା ଦେଖିବାକୁ ମିଳିଛି।

ରାଜ୍ୟ ସରକାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରୀ ମାଗଣା ଔଷଧ ଯୋଗାଇଦେବା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଥିଲେ ମଧ୍ୟ ବହୁ ମାଗଣା ଔଷଧ ବିତରଣ କେନ୍ଦ୍ର ତଥା ନିରାମୟରେ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ଲୋକମାନେ ବହୁ ଔଷଧକୁ କିଣି ବ୍ୟବହାର କରୁଥିବାର ଅଭିଯୋଗ ହେଉଛି। କିଛି କର୍ମଚାରୀ ବହୁ ବର୍ଷ ଧରି ଗାଦି ମାଡ଼ି ବସି ରହିଥିବାର ଦେଖିବାକୁ ମିଳୁଛି। ଅନ୍ୟତ୍ର ବଦଳି ହେଲେ ମଧ୍ୟ ରାଜନେତାଙ୍କୁ ହାତବରିଶି କରି କିଛିଦିନ ଅନ୍ୟ ଜାଗାରେ କାର୍ଯ୍ୟ କରି ପୁନର୍ବାର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଛି। ଫଳରେ ଦୁର୍ନୀତି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆବଶ୍ୟକତା ମୁତାବକ ଡାକ୍ତର ପଠାଇବା ସହିତ ଗାଦି ମାଡ଼ି ବସି ରହିଥିବା କର୍ମଚାରୀମାନଙ୍କୁ ଦୂରକୁ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି।

ସକାଳ THE SAKALA



# ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା

ନୟାଗଡ଼,୨୫ ।୨(ସମିସ)



ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନିକାନ୍ତ ସାହୁ ବୁଧବାର ନୟାଗଡ଼ ଜିଲ୍ଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ଫେୟାର ପ୍ରାଇସ ସପ୍ ସେଣ୍ଟର ତଥା 'ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ' କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଜିଲ୍ଲା ସଦର ମହକୁମାରେ ଥିବା ଜିଲ୍ଲା ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବାଳିକା ଛାତ୍ରବାସ ଓ ବାଉଁଶିଆପଡ଼ାରେ ଚାଲୁଥିବା ଟିଏଚଆର ୟୁନିଟ ତଥା ନ୍ୟୁଟ୍ରି ଗାର୍ଡେନ ପରିଦର୍ଶନ କରିଥିଲେ। ଅପରାହ୍ନ ସାଢ଼େ ୧୨ରେ ସିନ୍ଦୂରିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ଯାଞ୍ଚ କରିଥିଲେ। ଅପରାହ୍ନ ୧ଟାରେ ନିଉ ଟାଉନ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ। ଅପରାହ୍ନ ସାଢ଼େ ୧ଟାରେ ମାଛିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନ ସାଢ଼େ ୩ଟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଯୋଗ ଦେଇଥିଲେ। ପ୍ରଥମେ ଯୋଗାଣ ଅଧିକାରୀଙ୍କ ସହ ରାସନ କାର୍ଡ ଉପରେ ଆଲୋଚନା କରିଥିଲେ। ବୃଦ୍ଧବୃଦ୍ଧାମାନଙ୍କ ରାସନ କାର୍ଡକୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ପରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍କୁଲରେ ଡାଇନିଂ ହଲ ବ୍ୟବସ୍ଥା ଓ ଚାଉଳ ଯୋଗାଣ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ଜିଲ୍ଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଥିବା ହଷ୍ଟେଲ ବିଷୟରେ ଆଲୋଚନା କରାଯାଇଥିଲା। ଯେଉଁ ସ୍କୁଲରେ ହଷ୍ଟେଲ ସୁବିଧା ନାହିଁ, ସେ ସବୁ ସ୍ଥାନରେ ହଷ୍ଟେଲ ନିର୍ମାଣ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଛତୁଆର ମାନ ଏବଂ ପିଲାଙ୍କ ଓଜନ ମାପିବା ପାଇଁ ଓଜନ ମେସିନ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜିଲ୍ଲାରେ ଟ୍ରାଇ ସାଇକଲ ଗଚ୍ଛିତ ନ ଥିବା ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଜିଲ୍ଲା ଯୋଗାଣ ଅଧିକାରୀ ସିଏଚ ମୁରଲୀକ୍ରିଷ୍ଣା ରାଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ପ୍ରେମିକ ସହ ବିବାହିତା ମହିଳା ଫେରାର

କଣ୍ଟିଲୋ,୨୫ ।୨(ସମିସ): କଣ୍ଟିଲୋ ପଞ୍ଚାୟତ ନିକଟ ପୋଖରୀହୁଡ଼ା ସାହିର ଜଣେ ବିବାହିତା ମହିଳା ପରିବାର ଓ ୩ ସନ୍ତାନଙ୍କୁ ଛାଡ଼ି ପ୍ରେମିକ ସହ ଫେରାର ହୋଇଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମହିଳାଙ୍କ ସ୍ୱାମୀ ଏ ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଛନ୍ତି। କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ତଦନ୍ତ କରି ମହିଳାଙ୍କ ମୋବାଇଲକୁ ନିୟମିତ କଲ ଆସୁଥିବା ଏକ ଫୋନ ନମ୍ବର ଯାଞ୍ଚ କରିଥିଲେ। ଉକ୍ତ ନମ୍ବର ମହିଳାଙ୍କ ବାପଘର ଗ୍ରାମର ଜିତେନ୍ଦ୍ର ନାୟକଙ୍କର ବୋଲି ଜଣାପଡ଼ିଛି। ଜିତେନ୍ଦ୍ର କେରଳରେ କାର୍ଯ୍ୟ କରୁଛନ୍ତି। ମହିଳା ଜଣକ କେରଳରେ ତାଙ୍କ ସହ ଥିବା ତାଙ୍କ ଫୋନ୍ ଲୋକେଶନ ଟ୍ରାକ୍ କରି ପୁଲିସ ସନ୍ଦେହ କରୁଛି।

ମହିଳାଙ୍କ ସ୍ୱାମୀ ଏକ ଘରୋଇ ବସରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସେ ୧୪ ବର୍ଷ ତଳେ ଢେଙ୍କାନାଳ ଜିଲ୍ଲା ବାସିନ୍ଦା ଏହି ମହିଳାଙ୍କୁ ବିବାହ କରିଥିଲେ। ବୃଦ୍ଧ ବାପାଙ୍କ ସମେତ ୨ ଝିଅ ଓ ଗୋଟିଏ ପୁଅଙ୍କୁ ନେଇ ତାଙ୍କ ସଂସାର। ୨ ଝିଅ ୭ମ ଓ ୫ମ ଶ୍ରେଣୀ ପଢ଼ୁଥିବା ବେଳେ ପୁଅ ତୃତୀୟରେ ପଢ଼ୁଛି। ଫେରାର ହେବା ପୂର୍ବରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ମନାନ୍ତର ହୋଇଥିଲା। ଗତ ୧୧ ତାରିଖ ସ୍ୱାମୀ ପ୍ରତିଦିନ ପରି ଡ୍ୟୁଟିରେ ଯାଇଥିବା ବେଳେ ସ୍ତ୍ରୀ କୁଆଡ଼େ ପଳାଇଥିବା ଖବର ପାଇଥିଲେ। ସମ୍ପର୍କୀୟ ତଥା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ କିଛି ସୂଚନା ନ ପାଇ କଣ୍ଟିଲୋ ଫାଣ୍ଡିରେ ଜଣାଇଥିଲେ। ସ୍ତ୍ରୀ ବ୍ୟବହାର କରୁଥିବା ମୋବାଇଲ ଛାଡ଼ି ଯାଇଥିବାରୁ ମୋବାଇଲ ଦେଖିବା ପରେ ଫେରାର ହେବା ଦିନ ଉକ୍ତ ମୋବାଇଲକୁ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ ବାରମ୍ବାର ଫୋନ ଆସିଥିବା ଜଣାପଡ଼ିଛି। ସେହି ନମ୍ବରରେ ସ୍ୱାମୀ ଯୋଗାଯୋଗ କରିବା ପରେ ଫୋନ ଉଠାଇଥିବା ବ୍ୟକ୍ତି କେରଳରେ ଥିବା କହିଥିଲେ। ସେହି ନମ୍ବରକୁ ଟ୍ରାକ କରାଯିବା ପରେ ତାହା ନିଜ ଶଶୁର ଘର ଗ୍ରାମର ଜିତେନ୍ଦ୍ରଙ୍କ ବୋଲି ଜଣାପଡ଼ିଥିଲା। ଯିବା ସମୟରେ ମହିଳା ପିନ୍ଧିଥିବା ସୁନା ଅଳଙ୍କାର ସହ ଘରେ ଥିବା ୬୦ ହଜାର ଟଙ୍କା ସାଙ୍ଗରେ ନେଇଯାଇଥିବା ସ୍ୱାମୀ ଅଭିଯୋଗ କରିଛନ୍ତି। ମହିଳାଙ୍କୁ ଉଦ୍ଧାର ପାଇଁ ଆବଶ୍ୟକ ପଡ଼ିଲେ କେରଳ ଯିବୁ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

● ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ରୋଗୀସେବା ବିପର୍ଯ୍ୟସ୍ତ

ନୟାଗଡ଼/ଶରଣକୁଳ,୨୫ ।୨(ସମିସ): ଜିଲ୍ଲା ପ୍ରଶାସନର ସ୍ଥାଣୁତା ଯୋଗୁଁ ନୟାଗଡ଼ ଜିଲ୍ଲାର ସର୍ବପୁରାତନ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ଦୁଇ ସପ୍ତାହ ଧରି ରୋଗୀ ହଇରାଣ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଦକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗୋଟିଏ ପଟେ ଡା. ତାପସ ରଞ୍ଜନ ସେନାପତି ୩ ବର୍ଷ ଧରି ଡାକ୍ତର ଭାବରେ ଏବଂ ଏକ ବର୍ଷରୁ ଊର୍ଦ୍ଧ୍ୱ ଦିନ ଡାକ୍ତରଖାନା ଅଧିକାରୀ ଭାବେ ଅବସ୍ଥାପିତ ହୋଇ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଆସୁଥିବା ବେଳେ ହଠାତ୍ ୮ ଦିନ ତଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶରଣକୁଳ ନିକଟ ମଗରବନ୍ଧ ଡାକ୍ତରଖାନାର ଡାକ୍ତର ଇପ୍ସିତା ଦାସଙ୍କୁ ଡେପୁଟିସନରେ ଆଣି ଡାକ୍ତର ତାପସ ରଞ୍ଜନ ସେନାପତିଙ୍କ ସ୍ଥାନରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ ପରେ ଡାକ୍ତର ସେନାପତି ଲମ୍ବା ଛୁଟିରେ ଅଛନ୍ତି। ଗୋଟିଏ ପଦବୀରେ ଦୁଇ ଅଧିକାରୀ ଥିବାରୁ ଏହି ଡାକ୍ତରଖାନାରେ ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନାହିଁ। ଡାକ୍ତର ସେନାପତି ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଆସୁଥିବାରୁ ରୋଗୀମାନେ ତାଙ୍କୁ ନ ପାଇ ଖର୍ଚ୍ଚାନ୍ତ ହୋଇ ନୟାଗଡ଼ ଧାଉଁଛନ୍ତି। ତେଣୁ ଆଜିକୁ ୮ ଦିନ ହେଲା ଏହି ଡାକ୍ତରଖାନାରେ ରୋଗୀସେବା ଏକ ପ୍ରକାର ଠପ୍ ହୋଇଯାଇଛି। ଶରଣକୁଳ ଅଞ୍ଚଳର ପ୍ରାୟ ୨୦ ଜଣ ବୁଦ୍ଧିଜୀବୀ ନୟାଗଡ଼ ଯାଇ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଡାକ୍ତରଖାନାର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲା ଚିକିତ୍ସାଧିକାରୀ ଡା. ପୁଷ୍ପ ନୀଳିମା ଲାକ୍ରା ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ବନାଗ୍ନି ପରିଚାଳନା ପ୍ରଶିକ୍ଷଣ ଶିବିର

ଗଣିଆ,୨୫ ।୨(ସମିସ): ଗଣିଆ ବନବିଭାଗ ପରିସରରେ ଆଗଧାଡ଼ି ବନ କର୍ମଚାରୀ ଓ ଅଗ୍ନି ନିର୍ବାପକ ବାହିନୀଙ୍କ ବନାଗ୍ନି ପରିଚାଳନା ଏବଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଏସିଏଫ୍ ସେତୁରଞ୍ଜନୀ ଗମାଙ୍ଗୋ, ଆଇଶା ଅଖତାରୀ ନିଶା, ରେଞ୍ଜର ସବନମ ସାହୁ, ଫରେଷ୍ଟର ମନୋଜ ପ୍ରଭାକର ସାହୁ, ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ସମେତ କାର୍ଯ୍ୟରତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ଆଗକୁ ଗ୍ରୀଷ୍ମ ପ୍ରକୋପ ବଢ଼ିବା ସମ୍ଭାବନା ଥିବାରୁ ଗଣିଆ ଅଞ୍ଚଳରେ ଥିବା ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ମଧ୍ୟ ଯଥେଷ୍ଟ ରହିଛି। ଜଙ୍ଗଲ ନିଆଁକୁ କିଭଳି ଆୟତ୍ତ କରାଯାଇ ପାରିବ ସେ ନେଇ ବନକର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଜଙ୍ଗଲ ଜନ୍ତୁଙ୍କୁ ନିଆଁ ଦାଉରୁ କିଭଳି ରକ୍ଷା କରିବା ସେ ସମ୍ପର୍କରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଏଥିପାଇଁ ଗାଁ ଗାଁରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

● ପାରାଦୀପ ଶ୍ରୀଜଗନ୍ନାଥ ମନ୍ଦିର

## ଶ୍ରୀବିଗ୍ରହ ନିର୍ମାଣ ପାଇଁ ଦାରୁ ଚିହ୍ନଟ

ଗଣିଆ,୨୫ ।୨(ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ଶ୍ରୀଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏଥିପାଇଁ ଶ୍ରୀବିଗ୍ରହ ନିର୍ମାଣ କରାଯିବ। ଶ୍ରୀବିଗ୍ରହ ନିର୍ମାଣ ପାଇଁ ଗଣିଆ ବ୍ଲକ ବ୍ରାହ୍ମଣ ସାହିଠାରେ ଦାରୁ ଚିହ୍ନଟ କରାଯାଇଛି। ବ୍ରାହ୍ମଣ ସାହିର ସରୋଜ କୁମାର ଦାଶଙ୍କ ବାଡ଼ିରେ ଥିବା ବହୁ ପୁରାତନ ନିମ୍ବ ଗଛକୁ ପାରାଦୀପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତରଫରୁ ଚିହ୍ନଟ କରାଯାଇଥିବା ବେଳେ ସରୋଜ ଏହାକୁ ଦାରୁ ବିଗ୍ରହଙ୍କ ନିର୍ମାଣ ନିମନ୍ତେ ଦାନ କରିଛନ୍ତି। ସମସ୍ତ ପାରମ୍ପରିକ କାର୍ଯ୍ୟ ଓଡ଼ିଆ ପାଞ୍ଜି ଅନୁସାରେ ଫାଲଗୁନ ମାସ ୨୮ ତାରିଖ ସମ୍ପାଦନ କରାଯିବ ବୋଲି ଟ୍ରଷ୍ଟ ତରଫରୁ ସ୍ଥିର କରାଯାଇଛି।

## ମଗରବନ୍ଧ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଶରଣକୁଳ,୨୫ ।୨(ସମିସ): ଶରଣକୁଳ ନିକଟ ମଗରବନ୍ଧ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ପ୍ରଧାନଶିକ୍ଷକ ଭକ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି, ଶିକ୍ଷାବିତ୍ ଦୀନବନ୍ଧୁ ମହାପାତ୍ର, ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ରାମକୃଷ୍ଣ ପରିଡ଼ା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ଦାଶ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର କୁମାର ପ୍ରଧାନ, ସମିତି ସଭ୍ୟ ଭଗବାନ ପ୍ରଧାନ, ପ୍ରକୃତିବନ୍ଧୁ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ସିଆରସିସି ରାଜକୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ. ଭୋଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଞ୍ଜୟ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମହେନ୍ଦ୍ର ପଣ୍ଡା, ଜୟନ୍ତୀ ସାମନ୍ତରାୟ, ସୁଷମା ବେହେରା ଓ ମଞ୍ଜୁ ଦେଇ ସହଯୋଗ କରିଥିଲେ।

## ପର୍ଯ୍ୟଟନ କ୍ଷେତ୍ର ଏବେ ମଦ୍ୟପାନ କ୍ଷେତ୍ର

କଣ୍ଟିଲୋ,୨୫ ।୨(ସମିସ): ଜଗନ୍ନାଥଙ୍କ ଆଦିପୀଠ ତଥା ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋର ବିଭିନ୍ନ ଅଞ୍ଚଳ ଏବେ ନିଶାଡ଼ିଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଗ୍ରାମ ଉପକଣ୍ଠରେ ଥିବା ପଲଟନ ପଡ଼ିଆ ସମେତ କମେଇ ସେତୁ ପାଶ୍ୱର୍ ମାଳବନ୍ଧ, ଶ୍ମଶାନ ଚଣ୍ଡି ରାସ୍ତା, ମହାନଦୀ କୂଳ ଅଞ୍ଚଳ ନିଶାଖୋରଙ୍କ ନିରାପଦ ମୁକ୍ତାକାଶ ବାର୍‌ରେ ପରିଣତ ହୋଇଛି। ଏପରିକି ନୀଳମାଧବଙ୍କ ଚନ୍ଦନ ଯାତ୍ରା ହେଉଥିବା ଚନ୍ଦନ ପୁଷ୍କରିଣୀ ଚତୁଃପାଶ୍ୱର୍ ମଧ୍ୟ ଏଥିରୁ ବାଦ ପଡ଼ିନି। ପୋଖରୀ ଚାରିପାଖ ଆଲୋକୀକରଣ ହୋଇନାହିଁ। ଅନ୍ଧାର ସୁଯୋଗରେ ପୋଖରୀ ଚାରିପାଖରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ପ୍ରତ୍ୟହ ସଞ୍ଜ ନଇଁଲେ ଉକ୍ତ ସ୍ଥାନରେ ମଦ୍ୟପଙ୍କ ଭିଡ଼ ଜମୁଛି। ମଦ ଦୋକାନ ସମ୍ମୁଖରେ ମଦ୍ୟପମାନେ ଖୁଲମଖୁଲ୍ଲା ମଦ୍ୟପାନ କରୁଛନ୍ତି। ଉପରୋକ୍ତ ଅଞ୍ଚଳ ଏବେ ମଦ ବୋତଲ, ପ୍ଲାଷ୍ଟିକ ପାଣି ବୋତଲ, ପାଉଚ ଆଦିରେ ଭର୍ତ୍ତି ହୋଇଗଲାଣି। ପଡ଼ିଆ ମଧ୍ୟରୁ ପିଲାମାନେ ପ୍ରଥମେ ମଦ ବୋତଲ ଓ ପ୍ଲାଷ୍ଟିକ ବର୍ଜ୍ୟ ସଫା କରିବା ପରେ ଖେଳକୁଦ କରିବା ନିତିଦିନିଆ ଘଟଣା ପାଲଟିଛି। କଣ୍ଟିଲୋ ବଙ୍ଗଳା ଛକ ନିକଟରେ ଏକ ସ୍ୱୀକୃତିପ୍ରାପ୍ତ ଠିପିବନ୍ଦ ମଦ ଦୋକାନ ଥିଲେ ହେଁ ଗ୍ରାମର ପ୍ରାୟ ସାହିରେ ଦେଶୀ, ବିଦେଶୀ ମଦ ସହଜରେ ଉପଲବ୍ଧ ହେଉଛି। ହାତ ପାଆନ୍ତାରେ ମଦ ମିଳୁଥିବାରୁ ସେଥିପ୍ରତି ଆକୃଷ୍ଟ ହେଉଛନ୍ତି ଶ୍ରମଜୀବୀ ଓ ଯୁବଗୋଷ୍ଠୀ। ତେବେ ଆଉ ମଦ ଗଞ୍ଜେଇରେ ସୀମିତ ହୋଇ ରହିନାହିଁ ନିଶା। ମଦ, ଗଞ୍ଜେଇ ସହ ଏବେ ବ୍ରାଉନସୁଗରକୁ ନେଇ ଚର୍ଚ୍ଚା ହେଉଛି। ଅଞ୍ଚଳରୁ ମଧ୍ୟ ଧଳା ଜହର, ଗଞ୍ଜା, ମଦ ଆଦି ବିଭିନ୍ନ ସମୟରେ ଜବତ ହୋଇଛି। ନିଶା ସେବନ ସହ ବ୍ୟବସାୟ ବେଲଗାମ ଭାବେ ଚାଲିଥିଲେ ହେଁ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନର ଏଥିପ୍ରତି ଅଙ୍କୁଶ ଥିବା ଭଳି ମନେ ହେଉନାହିଁ। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ନିଶା କାରବାର ଉପରେ ନାହିଁ ଅଙ୍କୁଶ**

ଫତେଗଡ଼ ଶ୍ରୀରାମ ମନ୍ଦିର

## ଶୌଚାଳୟ ନ ଥିବାରୁ ଶ୍ରଦ୍ଧାଳୁ ହଇରାଣ

ଭାପୁର,୨୫ ।୨(ସମିସ): ନୟାଗଡ଼ ଜିଲ୍ଲା ତଥା ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀ ଦ୍ୱିତୀୟ ଅଯୋଧ୍ୟା ମାନ୍ୟତା ପାଇଥିବା ଫତେଗଡ଼ ଶ୍ରୀରାମ ମନ୍ଦିର ନିକଟ ତଥା ଫତେଗଡ଼ ବଜାରରେ ଶୌଚାଳୟ ନ ଥିବାରୁ ଶ୍ରଦ୍ଧାଳୁମାନେ ହଇରାଣ ହେଉଛନ୍ତି। ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ବର୍ତ୍ତମାନ ନୟାଗଡ଼ ଜିଲ୍ଲା ସର୍ବାଗ୍ରେ ରହିଛି। ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକମାନେ ନୟାଗଡ଼ ଜିଲ୍ଲାକୁ ପ୍ରଥମ ପସନ୍ଦ ଭାବେ ଗ୍ରହଣ କରିଛନ୍ତି। ପୂର୍ବରୁ କଣ୍ଟିଲୋ ନୀଳମାଧବ ମନ୍ଦିର, ଶରଣକୁଳର ଲଡୁବାବା ଓ ଓଡ଼ଗାଁ ଶ୍ରୀ ରଘୁନାଥ ମନ୍ଦିରକୁ ପର୍ଯ୍ୟଟକମାନେ ଆସୁଥିଲେ। ବର୍ତ୍ତମାନ ଫତେଗଡ଼ ଶ୍ରୀରାମ ମନ୍ଦିର ଓ ଶରଣକୁଳ ନିକଟ ବୈଷ୍ଣୋଦେବୀ ମନ୍ଦିର ନିର୍ମାଣ ହେବା ପରେ ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ନୟାଗଡ଼ ଜିଲ୍ଲାର ଏହି ଦୁଇ ସ୍ଥାନ ପାଲଟିଛି। ଫତେଗଡ଼ ଶ୍ରୀରାମ ମନ୍ଦିର ଭୁବନେଶ୍ୱରରୁ ମାତ୍ର ୬୦ କିଲୋମିଟର ଦୂର ହୋଇଥିବା ସହ ମନ୍ଦିରକୁ ପକ୍କା ପିଚୁ ସଡ଼କ ଥିବାରୁ ଓ ଏହାର ପ୍ରାକୃତିକ ପରିବେଶ ଭରା ସୁନ୍ଦର ପରିବେଶ ସହ ପାହାଡ଼ ଚଢ଼ିବାର ମଜା ସମସ୍ତ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ମାତ୍ର ଶ୍ରୀରାମ ମନ୍ଦିର ପରିସରରେ ଗୋଟିଏ ଶୌଚାଳୟ ଓ ପରିଶ୍ରାଗାର ରହିଥିଲେ ହେଁ ପାହାଡ଼ ପାଦଦେଶରେ ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ ସ୍ଥାନ ଓ ଫତେଗଡ଼ ବଜାରରେ କୌଣସି ଶୌଚାଳୟ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ବିଶେଷ କରି ମହିଳାମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଯେଉଁ ପର୍ଯ୍ୟଟକ କିମ୍ବା ଶ୍ରଦ୍ଧାଳୁ ନିଜ ଗାଡ଼ିରେ ଆସୁଛନ୍ତି, ସେମାନେ ବାଟରେ କୌଣସି ନା କୌଣସି ସ୍ଥାନରେ ସ୍ନାନ ଓ ଶୌଚ କାର୍ଯ୍ୟ ସାରି ଆସୁଛନ୍ତି। ମାତ୍ର ଯେଉଁମାନେ ବସରେ ଆସୁଛନ୍ତି ସେମାନେ ଫତେଗଡ଼ ବଜାରରେ ଓହ୍ଲାଇବା ସମୟରେ କିମ୍ବା ବସକୁ ଅପେକ୍ଷା କରିବା ସମୟରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପ୍ରଶାସନ ତରଫରୁ କିମ୍ବା ପଞ୍ଚାୟତ ପାଣ୍ଠିରୁ ଫତେଗଡ଼ ବଜାରରେ ଏକ ଶୌଚାଳୟ ନିର୍ମାଣ କରାଗଲେ ଯାତ୍ରୀମାନେ ଏହାର ସୁଫଳ ପାଆନ୍ତେ। ଉଲ୍ଲେଖଯୋଗ୍ୟ, ମନ୍ଦିର ପରିଚାଳନା କମିଟି ତରଫରୁ ମନ୍ଦିର ପାର୍କିଂ ସ୍ଥାନରେ ୫/୬ଟି ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତୁରନ୍ତ ଏହା ସମ୍ପୂର୍ଣ୍ଣ ହେଲେ ଯାତ୍ରୀଙ୍କ ସହ ଆସୁଥିବା ପର୍ଯ୍ୟଟକଙ୍କ ଗାଡ଼ି ଡ୍ରାଇଭର ଓ କର୍ମଚାରୀ ଉପକୃତ ହୋଇପାରନ୍ତେ।

## ଟ୍ରକ ଚକ ତଳେ ଚାପିହୋଇ ଯୁବତୀ ମୃତ

ଓଡ଼ଗାଁ,୨୫ ।୨(ସମିସ): ଓଡ଼ଗାଁ ବ୍ଲକ ରାମସାଗର ପାର୍କ ସମ୍ମୁଖରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଚକତଳେ ଚାପି ହୋଇ ଜଣେ ୧୮ ବର୍ଷୀୟ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଲେ ଲଣ୍ଡାବାଦୁ ଗ୍ରାମର ନୀଳିମା ମୁଦୁଲି। ନୀଳିମା ଓଡ଼ଗାଁରେ ରହି ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ବୁଧବାର ଅପରାହ୍ନରେ ସେ କୈବଲ୍ୟପୁର ଗ୍ରାମରୁ ଏକ ମାଙ୍ଗଳିକ ଉତ୍ସବରେ ଯୋଗଦେଇ ସ୍କୁଟି ଯୋଗେ ଫେରୁଥିବା ସମୟରେ ୨୧ ନମ୍ବର ରାଜ୍ୟ ରାଜପଥର ଓଡ଼ଗାଁ ସିନେମା ହଲ୍‌ଠାରୁ ରାମସାଗର ପାର୍କ ମଧ୍ୟବର୍ତ୍ତୀ ସ୍ଥାନରେ ଏକ ୪୦୭ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ସ୍କୁଟିରୁ ଛିଟିକି ପଡ଼ିଥିଲେ। ଟ୍ରକ ଚକ ତାଙ୍କ ମୁଣ୍ଡରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳିମାଙ୍କ ମା' ଡାକ୍ତରଖାନାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ସ୍କୁଟି ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ନୀଳିମାଙ୍କ ବାପା ସୁରତରେ ଶ୍ରମିକ ଭାବେ କାମ କରନ୍ତି। ଆର୍ଥିକ ଅନଟନ ଯୋଗୁଁ ପରିବାରକୁ ସାହାଯ୍ୟ କରିବା ପାଇଁ ସେ ଓଡ଼ଗାଁରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ତାଙ୍କର ଏଭଳି ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦନ୍ତା ଆକ୍ରମଣରେ ଆଉ ଜଣେ ମୃତ

ରଣପୁର,୨୫ ।୨(ସମିସ): ଏକ ଦନ୍ତାହାତୀ ଗୋଠରୁ ବାହାରି ଆସି ବିଭିନ୍ନ ଗାଁରେ ଉତ୍ପାତ କରୁଛି। କାହାର ଧାନ, ପରିବା ଫସଲ ଖାଇ ନଷ୍ଟ କରୁଛି ତ କାହାର ଜୀବନ ମଧ୍ୟ ନେଉଛି। ୧୫ ଦିନ ପୂର୍ବେ ମହତପଲ୍ଲା ପଞ୍ଚାୟତ ବିରୁଡ଼ା ଗାଁର ଭିକାରୀ ବେହେରାଙ୍କୁ ଦନ୍ତା ମାରିଦେଇଥିବା ବେଳେ ବୁଧବାର ଆଉଜଣଙ୍କୁ ଦଳି ମାରିଛି। ମୃତକ ହେଲେ ରଣପୁର ବ୍ଲକ ମୟୂରଝାଲିଆ ଗଡ଼ସାହିର କାଳିଆ ମହାରଣା (୫୨)। ବଧବାର ପୂର୍ବାହ୍ନରେ କାଳିଆ କାଜୁ ଜଙ୍ଗଲ ସଫା କରିବାକୁ ସାଇକଲ ଯୋଗେ ଜଙ୍ଗଲକୁ ଯାଉଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିବା ସହ ସାଇକଲକୁ ଭାଙ୍ଗି ଖଣ୍ଡ ବିଖଣ୍ଡିତ କରିଦେଇଛି। ହାତୀ ଉପଦ୍ରବ ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେହେରା ସମାଜର ସମ୍ବର୍ଦ୍ଧନା

ଗଣିଆ,୨୫ ।୨(ସମିସ): ବିଏସଏଫରେ ନିଯୁକ୍ତି ପାଇଥିବା ଗଣିଆ ବ୍ଲକର ପ୍ରଥମ ବାଳିକା ରୋଜାଲିନ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନିଖିଳ ଉତ୍କଳ ବେହେରା ସମାଜ (ତଅଁଳା) ଚାରି ରାଜ୍ୟ ତରଫରୁ ରୋଜାଲିନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବେହେରା ସମାଜର ପ୍ରଥମ ବାଳିକା ଭାବେ ସେ ଏହି ସଫଳତା ଲାଭ କରିଛନ୍ତି। କାର୍ଯ୍ୟକ୍ରମରେ ଚାରିରାଜ୍ୟ ସଭାପତି ତ୍ରିଲୋଚନ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପଦେଷ୍ଟା ଅଶୋକ କୁମାର ବେହେରା, ଗଣିଆ ସର୍କଲ ସଭାପତି ଉପେନ୍ଦ୍ର ବେହେରା, ହରିହର ଖମାରି, ଖଗେଶ୍ୱର ବେହେରା, ବାନାମ୍ବର ବେହେରା, ଯୋଗୀନାଥ ବେହେରା, ଗୋପାଳ ବେହେରା, ଯୁଗଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଆ ଦେବାକୁ ଯାଇ ଦୁର୍ଘଟଣାର ମାମୁ ମୃତ, ଭଣଜା ଗୁରୁତର

ଗଣିଆ,୨୫ ।୨(ସମିସ): ଭଉଣୀ ବାହାଘର ଗୁଆ ଦେବାକୁ ଯାଇ ଘରକୁ ଫେରୁଥିବା ବେଳେ ସିଧାମୂଳା ବ୍ରିଜ ଡିଭାଇଡରରେ ଦୁର୍ଘଟଣା ଘଟି ସମ୍ପର୍କୀୟ ମାମୁଙ୍କ ମୃତ୍ୟୁ ଘଟିଥିବା ବେଳେ ଭଣଜା ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଜକିଆରି କନାସିଙ୍ଗି ଗ୍ରାମର ଫକୀର ନାୟକ। ଆହତ ଭଣଜା ଉକ୍ତ ଗ୍ରାମର ସରୋଜ ନାୟକ ବୋଲି ଜଣାପଡ଼ିଛି। ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଗଣିଆ ମେଡିକାଲ ଅଣାଯାଇଥିଲା। ତେବେ ଫକୀରଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଛି।

### ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫ୍ରେଣ୍ଡସ ପାରାଡାଇଜ ଜଟଣୀ ବିଜୟୀ



ଖଣ୍ଡପଡ଼ା,୨୫ ।୨(ସମିସ): ଖଣ୍ଡପଡ଼ା ସହର ମଧୁବନ ମିନି ଷ୍ଟାଡିୟମରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଅନୁଷ୍ଠିତ ୪ର୍ଥ ମ୍ୟାଚରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ରକି ସ୍ପୋର୍ଟିଂ ବୌଦ୍ଧକୁ ୧-୦ ଗୋଲରେ ପରାସ୍ତ କରିଛି। ରେଫରୀ ରାଜୁ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସବୀର ମହମ୍ମଦ ଏବଂ ପ୍ରସନ୍ନ ନାୟକ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସୁରଥ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ସମାଜସେବୀ ଅଖିଳ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ବିଡ଼ାନାସୀ କଟକ ଏବଂ ବାପୁଜୀ କ୍ଲବ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ତଥା ବରିଷ୍ଠ କ୍ରୀଡ଼ାବିତ ଭିକାରୀ ଖଣ୍ଡାୟତ କହିଛନ୍ତି।

## ଯୋଗାଣ ମନ୍ତ୍ରୀଙ୍କ ନୟାଗଡ଼ ଗସ୍ତ; ଧାନ କିଣା ସମୀକ୍ଷା

ନୟାଗଡ,୨୫।୨(ସମିସ): ନୟାଗଡ଼ ଜିଲ୍ଲା ଗସ୍ତରେ ଆସି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନକିଣାର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ପ୍ରଥମେ ରଣପୁର ବ୍ଲକ ନରସିଂହପୁର ଓ ରଙ୍କଦେଉଳୀ ମଣ୍ଡିକୁ ଯାଇ ଧାନକିଣା ସମ୍ପର୍କରେ ତଦାରଖ କରିଥିଲେ। ଏହାପରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ମଧୁମିତା ରଥ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ସମବାୟ ସମିତି ସମୂହ ନିବନ୍ଧକ ଅନନ୍ତ କୁମାର ନାୟକ, ବାହାଡଝୋଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅନୀଲ କୁମାର ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀ କ୍ରୀଷ୍ଣା ରାଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାରେ କେତେ ପରିମାଣର ଧାନକିଣା ହୋଇଛି। କେତେ ଚାଷୀଙ୍କ ଖାତାକୁ ଟଙ୍କା ଯାଇଛି। ସେ ସବୁ ବିଷୟରେ ଆଲୋଚନା ହୋଇଥିଲା। ମଣ୍ଡିଗୁଡ଼ିକରେ ଚାଷୀଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦେବାକୁ ମନ୍ତ୍ରୀ ଶ୍ରୀଯ ପାତ୍ର ନିର୍ଦ୍ଦେଶ ଦେଇଥିଲେ। କଟ୍‌ନୀଛଟ୍‌ନୀ ସଂକ୍ରାନ୍ତରେ ନୟାଗଡ଼ରୁ ଅନେକ ଅଭିଯୋଗ ରହିଥିବାରୁ ମନ୍ତ୍ରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ପାତ୍ର ଗଣମାଧ୍ୟମକୁ ବିବୃତି ଦେଇ କାଟେଣୀ ଛାଟେଣୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଏହା ସହିତ ସମସ୍ତ ଚାଷୀଙ୍କ ଧାନ କିଭଳି କିଣାଯିବା ତାହା ଉପରେ ପଦକ୍ଷେପ ନେବାକୁ କହିଛନ୍ତି। ନୟାଗଡ଼ ଜିଲ୍ଲାରେ ଏବେ ସୁଦ୍ଧା ୧୧ ଲକ୍ଷ କ୍ୱିଣ୍ଟାଲ ଧାନକିଣା ହୋଇଛି। ଜିଲ୍ଲାରେ ଆହୁରି ୬ ଲକ୍ଷ କ୍ୱିଣ୍ଟାଲ ଧାନକିଣା ହେବାର ସମ୍ଭାବନା ରହିଛି। ଜିଲ୍ଲାର ୧୭୪ ମଣ୍ଡିରୁ ଅନେକ ମଣ୍ଡିରେ ଧାନକିଣା ୫୦ ପ୍ରତିଶତ ଛୁଇଁ ନ ଥିବା ବେଳେ ମିଲର ଧାନ ଉଠାଇବାକୁ କୁଣ୍ଠକୁଣ୍ଠ ହେଉଛନ୍ତି।



# ନିରାକାରପୁର ଅଞ୍ଚଳରେ ମାଙ୍କଡ଼ ଉପଦ୍ରବ

## ନଜର ଦେଉନି ବନ ବିଭାଗ

ନିରାକାରପୁର, ୨୫।୨ (ସମିସ): ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ଅଞ୍ଚଳରେ ମାଙ୍କଡଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଲୋକେ ଯାତାୟାତ କରିବାକୁ ଡରି ଲେଣି। ଏତେ ସଂଖ୍ୟାରେ ମାଙ୍କଡ ହେଲେଣି ଯେ ରାସ୍ତାଘାଟର ନିର୍ଭୟରେ ବସି ରହୁଛନ୍ତି, ଘରେ ପଶି ଖାଦ୍ୟ ପଦାର୍ଥ ଖାଇ ଯାଉଛନ୍ତି। ଏହି ଅଞ୍ଚଳ ରେ ବହୁ ସଂଖ୍ୟାରେ ଲୋକମାନଙ୍କୁ ମାଙ୍କଡ଼ କାମୁଡି କ୍ଷତାକ୍ତ କରି ଗୁରୁତର କରି ପକାଇଛି। ଗତ କିଛି ଦିନ ଭିତରେ ପ୍ରାୟେ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ମାଙ୍କଡ କାମୁଡି ସାରିଲେଣି। ଦିନକୁ ଦିନ ମାଙ୍କଡଙ୍କ ଉପଦ୍ରବ ବଢୁଥିବା ବେଳେ ବନ ବିଭାଗ ନଜର ପଡୁନି। ମୁଖ୍ୟତଃ ନିରାକାରପୁର ବଜାର ଓ ମଞ୍ଜାରିଆ ପାଟଣା, ରେଳଷ୍ଟେସନ ନିକଟରେ ଶହ ଶହ ସଂଖ୍ୟାରେ ପାତି ଓ ହନୁ ମାଙ୍କଡ ଅହରହ ଉପଦ୍ରବ କରୁଥିବାରୁ ଲୋକେ, ସ୍କୁଲ ଛାତ୍ର ଛାତ୍ରୀ ଯାତାୟାତ କରିବାକୁ ଡରି ଲେଣି। ଲୋକେ ସବୁବେଳେ ଠେଙ୍ଗା, ବାଡି ଧରି ଭୟରେ ବୁଲୁଛନ୍ତି। ଆଜି ସକାଳୁ ଜଣେ ମହିଳା ପ୍ରାତଃ ଭ୍ରମଣ କରୁଥିବା ବେଳେ ମାଙ୍କଡ କାମୁଡାର ଶିକାର ହୋଇଛନ୍ତି। ବନ ବିଭାଗ ପଦକ୍ଷେପ ନେଇ ମାଙ୍କଡ ମାନଙ୍କୁ ଧରି ଅନ୍ୟତ୍ର ଛାଡ଼ିବାକୁ ଦାବି ହେଉଛି।

# କାର ଧକ୍କାରେ ବାଇକ୍ ଚାଳକ ମୃତ

ଖୋର୍ଦ୍ଧା,୨୫।୨(ସମିସ): ୧୬ନଂ ଜାତୀୟ ରାଜପଥର ଦଲେଇପୁଟ କେତକୀଝର ନିକଟରେ ଏକ କାର ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟାଙ୍ଗି ଥାନା ଅନ୍ତର୍ଗତ ସୁନ୍ଦରପୁରର କାର୍ତିକ ମହାପାତ୍ର (୫୦)। ୧୬ନଂ ଜାତୀୟ ରାଜପଥରେ ଜଙ୍କିଆ ଥାନା ଦିଗରୁ ଏକ କାର ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଏହି ସମୟରେ ରାସ୍ତାର ରଙ୍ଗସାଇଡ୍‌ରେ ସଦରଥାନା ଦିଗକୁ କାର୍ତିକ ଏକ ବାଇକ୍ ରେ ଯାଉଥିଲେ।। ସନ୍ଧ୍ୟା ପ୍ରାୟ ସାଢେ ୬ଟାବେଳେ କେତକୀଝର ଗେଟ ନିକଟରେ ବାଇକ୍‌କୁ କାର ଟି ଧକ୍କା ଦେଇଥିଲା। ଖବର ପାଇ ପୁଲିସ ପହଁଚି ଗୁରୁତର କାର୍ତିକକୁ ମେଡିକାଲ ରେ ଭର୍ତି କରିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାହେବା ଯାଏଁ ଥାନାରେ ଅଭିଯୋଗ ହୋଇନଥିବାବେଳେ ପୁଲିସ ଘଟଣାସ୍ଥଳରୁ ଦୁଇଟି ଯାକ ଗାଡିକୁ ଜବତ କରି ତଦନ୍ତ ଜାରୀ ରଖିଛି।

# ଜୀବନ ଜୀବିକା ପାଇଁ ତତଲା ଲୁହା ସହ ସଂଘର୍ଷ

## ରାସ୍ତା କଡ଼ରେ ଭୋପାଳ କୁମ୍ଭାର ପରିବାରର କୃଷି ଉପକରଣ



ଖୋର୍ଦ୍ଧା, ୨୫।୨(ସମିସ): କୃଷିକାର୍ଯ୍ୟରେ ଆବଶ୍ୟକତା ପଡୁଥିବା କୁମ୍ଭାରଶାଳରେ ପ୍ରସ୍ତୁତ କୃଷି ଯନ୍ତ୍ରାଂଶ ପ୍ରତି କୃଷକ ପରିବାର ଘରେ ଦେଖିବାକୁ ମିଳୁଥିବା ବେଳେ ଏବେ କୃଷକ ପରିବାର ଘରେ ଦେଖିବା ସାତସପନ ହୋଇଛି। ଚାଷବାସ ପାଇଁ ଆବଶ୍ୟକତା ଅନୁସାରେ ଦା'ଠାରୁ ଶାବଳ, କୁରାଡ଼ି, କୋଦାଳ, କୋଡି, ଗଇଁତି, ଫାଉଡ଼ା ଭଳି ଲୁହା ସାମଗ୍ରୀ ପ୍ରଭୃତି କେଉଁଆଡ଼େ ଉଭାନ ହୋଇଯାଇଥିବା ବେଳେ ତା ସ୍ଥାନରେ ଅତ୍ୟାଧୁନିକ କୃଷି ଉପକରଣ ରାଜୁତି କରିଛି। ଧିରେ ଧିରେ ଗ୍ରାମାଂଚଳରେ କୁମ୍ଭାରଶାଳ ଗୁଡ଼ିକ ବନ୍ଦ ହେବାକୁ ଲାଗିଥିବା ଦେଖାଯାଇଛି। କୋଇଲା ଉପରେ ବନବିଭାଗ କଟକଣା ଏବଂ କଂଚାମାଲ ର ଘୋର ଅଭାବ ପ୍ରଭାବ କୁମ୍ଭାରଶାଳ ଉପରେ ପଡୁଛି। ପ୍ରାୟ କୁମ୍ଭାରଶାଳ ଗୁଡ଼ିକ ବନ୍ଦ ହେଉଥିବାବେଳେ ରାଜ୍ୟ ବାହାର ତଥା ମଧ୍ୟପ୍ରଦେଶର ଭୋପାଳ ରାୟସନ ଜିଲ୍ଲାରୁ ଆସିଥିବା କୁମ୍ଭାର ପରିବାର ହାତରେ ପ୍ରସ୍ତୁତ କୃଷିଉପକରଣ ଜିନିଷର ବେଶ ଚାହିଦା ଖୋର୍ଦ୍ଧା ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଦେଖିବାକୁ ମିଳିଛି। ବିଭିନ୍ନ ରାସ୍ତା କଡରେ ସଜେଇ ହୋଇ ପସରା ମେଲିଥିବା ଲୁହା ସାମଗ୍ରୀ ଦୋକାନ ଆଗରେ ଚାଲୁଛି ମୂଲଚାଲ। ହିନ୍ଦୀରେ ଲୁହା ସାମଗ୍ରୀର ଦାମ କହୁଛନ୍ତି ବ୍ୟବସାୟୀ। ଖଣ୍ଡୀ ହିନ୍ଦୀରେ ସାମଗ୍ରୀ କିଣିବାକୁ ଦାମ କରୁଛନ୍ତି ଗ୍ରାହକ।

ସୂଚନା ଯୋଗ୍ୟ, ବିଗତ କିଛି ମାସ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କୁମ୍ଭାର ପରିବାର କୁମ୍ଭାରଶାଳ ଖୋଲି ଗ୍ରାହକଙ୍କୁ ଅପେକ୍ଷା କରି ରହୁଥିବା ଦେଖାଯାଇଛି। ପ୍ରାୟ ୫୦ରୁ ଉଦ୍ଧ୍ୱର୍ ପରିବାରର ପୁରୁଷ ତତଲା ଲୁହା ସାଙ୍ଗରେ ଜୀବନଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ମହିଳାମାନେ ଏହାକୁ ବିକ୍ରି କରିବାକୁ ପସରା ମେଲାଇ ବସିଥିବା ଦେଖିବାକୁ ମିଳୁଛି। ବଜାର ଦର ଠାରୁ କମ୍‌ମୂଲ୍ୟରେ ସେମାନେ ଶାଳରେ ପ୍ରସ୍ତୁତ କରୁଥିବା କୃଷି ଉପକରଣ କିଣିବାକୁ ଗ୍ରାହକଙ୍କ ବେଶ ଭିଡ଼ ପରିଲକ୍ଷିତ ହେଉଛି। ମୁଖ୍ୟତଃ କୋଡ଼ି, କୋଦାଳ, ଫାଉଡ଼ା, ଛୁରୀ, ଶାବଳ, ଦା, ହାତୁଡ଼ି, କୁରାଢି, ବାରସି ଭଳି କୃଷି ଉପକରଣ ଥିବା ଦେଖିବାକୁ ମିଳୁଛି। ଦିନତମାମ ସେମାନେ ଲୁହାକୁ ତରଳାଇ ଏ ସବୁ ସାମଗୀ ପ୍ରସ୍ତୁତ କରଥିବା ବେଳେ ରାତି ହୋଇଗଲେ ଖୋଲା ଆକାଶତଳେ ସପରିବାର ତମ୍ବୁଟାଣି ଜୀବନ ବିତାଉଥିବା ପ୍ରକାଶ କରିଛନ୍ତି। ତାଙ୍କର ରାଜ୍ୟରେ ମୁଖ୍ୟତଃ ଗହମ ମୁଖ୍ୟ ଫସଲ ହୋଇଥିବା ବେଳେ ଅଣ୍ଡାପଡ଼ିବାରୁ ଗହମ ଚାଷ ସେତେ ହେଉନାହିଁ। ତେଣୁ କୃଷିଜାତ ଉପକରଣ ଚାହିଦା ହ୍ରାସ ପାଇବାରୁ ବିଗତ ଦୁଇରୁ ଦେଢ ମାସ ହେବ ଓଡ଼ିଶା ଚାଲିଆସିଥିବା ବାବୁ ଲାଲ୍ ପ୍ରକାଶ କରିଛନ୍ତି। ଖାଲି ଖୋର୍ଦ୍ଧା, ଟାଙ୍ଗୀ, ବୋଲଗଡ ଓ ବେଗୁନିଆ ଅଂଚଳ ନୁହେଁ ବରଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କ ଅଂଚଳର ଅନେକ କୁମ୍ଭାର ପରିବାର ଶାଳ ପ୍ରତିଷ୍ଠା କରି ଲୁହା ସାମଗ୍ରୀ ପ୍ରସ୍ତୁତ କରିବା ପରେ ବିକ୍ରୀ କରୁଥିବା ପ୍ରକାଶ କରିଛନ୍ତି। ସ୍କୁଲ ରେ ପଢୁଥିବା ପିଲାମାନଙ୍କୁ ତାଙ୍କର ବୃଦ୍ଧବାପା ଓ ମା' ପାଖରେ ଛାଡ଼ିଆସିଥିବା ପ୍ରକାଶ କରିବା ସମେତ ଗୋଟିଏ କୁମ୍ଭାର ଅତିକମ୍‌ରେ ଏକ ହଜାର ଠାରୁ ୧୫ଶହ ଟଙ୍କା ରୋଜଗାର କରୁଥିବା ପ୍ରକାଶ କରିଛନ୍ତି। ବିଭିନ୍ନ କବାଡ଼ିଆ ଦୋକାନରୁ ଲୁହା ସଂଗ୍ରହ କରିବା ପରେ ତାକୁ କୋଇଲା ଅଂଚରେ ଗରମ କରିବା ପରେ କୃଷିଉପକରଣ ସମେତ ଘରୋଇ ଉପକରଣ ତିଆରୀ କରୁଥିବା ପ୍ରକାଶ କରିଛନ୍ତି।

ରାମଚଣ୍ଡୀ ମନ୍ଦିର ନିକଟ ଛକଠାରେ କୁମ୍ଭାରଶାଳ କରିଥିବା ଭୋପାଳ ରାୟସନ ଜିଲ୍ଲାରୁ ଆସିଥିବା ରାଜେଶଙ୍କ କହିବା ଅନୁସାରେ ପରିବାର କହିଲେ ତାଙ୍କର ବାପା, ମା ଏବଂ ପତ୍ନୀ ସମେତ ୪ଟି ସନ୍ତାନ ଅଛନ୍ତି। ଦୁଇ ଜଣ ବିଦ୍ୟାଳୟ ଯାଉଥିବା ଛୁଆକୁ ବୃଦ୍ଧବାପା ଓ ମା' ନିକଟରେ ଛାଡ଼ି ପରିବାର ପ୍ରତିପୋଷଣ କରିବାକୁ ଅନ୍ୟ ଦୁଇ କୋମଳମତି ଶିଶୁ ଏବଂ ପତ୍ନୀଙ୍କ ନେଇ ଓଡ଼ିଶା ଆସିଥିବା ପ୍ରକାଶ କରିଛନ୍ତି। ଏଠାରେ ଶାଳରେ ଲୁହା ସାମଗୀ ନିଜେ ପ୍ରସ୍ତୁତ କରୁଥିବା ବେଳେ ବିକ୍ରୀ କ୍ଷେତ୍ରରେ ପତ୍ନୀ ଏବଂ ଅନ୍ୟମାନେ ସହଯୋଗ କରୁଥିବା ପ୍ରକାଶ କରିଛନ୍ତି। ଦିନକୁ ଅତିକମ୍‌ରେ ୨୦/୩୦ ଲୁହା କୃଷିଉପକରଣ ପ୍ରସ୍ତୁତ କରିବା ସାମର୍ଥ୍ୟ ତାଙ୍କର ପାଖରେ ଥିବା କହିଥିବା ବେଳେ ରାତ୍ରରେ ସପରିବାର ଖୋଲା ଆକାଶ ତଳେ ତମ୍ବୁଟାଣି କଷ୍ଟମଷ୍ଟରେ କାଟି ଦେଉଥିବା ପ୍ରକାଶ କରିଛନ୍ତି। ଯଦି ଆମ ଭଳି ଦୁଃଖି ଲୋକଙ୍କ ପାଇଁ ରାତ୍ର ବିଶ୍ରାମଗାର ବ୍ୟବସ୍ଥା ପ୍ରଶାସନ କରିବାକୁ ପଦକ୍ଷେପ ନେବେ ତାହା ତାଙ୍କର ବହୁ ଉପକାର ହେବା କହିବା ସମେତ ଏପ୍ରିଲ ମାସ ଯାଏଁ ସେମାନେ ଓଡ଼ିଶାରେ ରହିବା ପରେ ଭୋପାଳ ଫେରିଯିବେ ବୋଲି ପ୍ରକାଶ କରିଛନ୍ତି।

# ପଦ୍ମଶ୍ରୀ ଉପେନ୍ଦ୍ର ମହାରଥିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲୁଗାଁ,୨୫।୨(ସମିସ) : ଶିଳ୍ପୀ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କ ୪୫ତମ ଶ୍ରାଦ୍ଧୋତ୍ସବ ଅବସରରେ ଜନ୍ମ ମାଟି ବାଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠ ପରିସରରେ ପଦ୍ମଶ୍ରୀ ମହାରଥିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଉପେନ୍ଦ୍ର ବିଦ୍ୟାପୀଠ ଓ ଭବାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମୀ, ଲଳିତ କଳା ଏକାଡେମୀ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ତଥା ପଦ୍ମଶ୍ରୀ ଉପେନ୍ଦ୍ର ମାହାରଥି ସ୍ମୃତି ପରିଷଦର ସହଯୋଗରେ ପରିଷଦର ମୁଖ୍ୟ ଉପଦେଷ୍ଟା ଶଶାଙ୍କ ଚୁଡାମଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିତ୍ରଶିଳ୍ପୀ ପଦ୍ମଶ୍ରୀଅଦୈତ ଗଡନାୟକ, ଉତ୍କଳ ସଂସ୍କୃତ ଶିକ୍ଷାବିତ୍ ଡ. ପ୍ରସନ୍ନ କୁମାର ସ୍ୱାଇଁ, ଓଡିଶା ସାହିତ୍ୟ ଏକାଡେମୀ ସହ ସଚିବ ସଂଜୟ କୁମାର ଛୁଆଳସିଂ ଓ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ, ଶିକ୍ଷାବିତ୍ ଡ. ନୃସିଂହ ଚରଣ ପ୍ରଧାନ, ବାଳମୁକୁନ୍ଦ ଦାସ, ସରପଞ୍ଚ ସବିତା ଦାସ ଓ ସମିତି ସଭ୍ୟ କନ୍ଦର୍ପ ଜେନା ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ମହାରଥିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଚିତ୍ର ଶିଳ୍ପୀ ଶିତୀକାନ୍ତ ସାମନ୍ତସିଂହାରଙ୍କ ସମେତ ୨୦ଜଣ ଚିତ୍ର ଶିଳ୍ପୀଙ୍କ ଦ୍ୱାରା ଚିତ୍ରାଚାର୍ଯ୍ୟଙ୍କୁ ଚିତ୍ରାଞ୍ଜଳି ପ୍ରଦର୍ଶନୀ ବେଶ ଆକର୍ଷଣୀୟ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଶିଶିର ଦାସ ଓ ମହେଶ୍ୱର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସଂପାଦକ ପବିତ୍ର କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଆକ୍ରମଣରେ ଯୁବକଙ୍କ ଜୀବନ ଗଲା

ଟାଙ୍ଗୀ,୨୫।୨(ସମିସ): ଟାଙ୍ଗୀ ରେଞ୍ଜ କୁଞ୍ଜୁରୀ ପଞ୍ଚାୟତ ନରମାନବୀ ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଘଟଣାସ୍ଥଳରେ ତାଙ୍କର ପ୍ରାଣହାନୀ ଘଟିଛି। ଆଜି ଭୋର ସମୟରେ ବାବୁଲି ପରିଡା(୪୫) ନିଜ ଘର ଠାରୁ କିଛି ଦୂରରେ ଥିବା କାଜୁ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ଆକ୍ରମଣ ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ମୃତ ଶରୀରକୁ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ରେଡ୍‌କ୍ରସ ତରଫରୁ ତାଙ୍କ ପରିବାରକୁ ୧୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବାର ସୁବିଧା କରାଯାଉଥିବା ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ କୁଞ୍ଜୁରୀ ଅଞ୍ଚଳରେ ଥିବା ଜଙ୍ଗଲରେ ହାତୀ ରହୁଛନ୍ତି। ଗତ କିଛି ଦିନ ତଳେ ହାତୀ ନରମାନବୀ ଉଚମାଧମିକ ବିଦ୍ୟାଳୟ ପରିସରରେ ପଶି କ୍ଷୟକ୍ଷତି ଘଟାଇ ଥିଲା।

# ବିପୁଳ ମଦ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ବେଗୁନିଆ,୨୫।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଚଢ଼ଉ ହୋଇଛି। ଏଥିରେ ଜଟଣୀ, ଟାଙ୍ଗୀ, ବାଲୁଗାଁ ଅବକାରୀ ମୋବାଇଲ ଟିମ ସହ ଏପିଆର ପୁଲିସ ବଳଙ୍କ ସହଯୋଗରେ ବରପଦା କାଜୁ ଜଙ୍ଗଲରେ ମଦ ପ୍ରସ୍ତୁତ ହେଉଥିବାରୁ ଖବର ପାଇ ମିଳିତ ଚଢ଼ାଉ କରି ୯ ହଜାର ଲିଟର ପୋଚ ଓ ୪୫୦ଲିଟର ହାତରନ୍ଧା ଦେଶୀ ମଦ ସହ ଆବଶ୍ୟକୀୟ ସରଞ୍ଜାମ ଜବତ କରିଛି କ୍ଷ ତେବେ ମଦ ପ୍ରସ୍ତୁତକାରୀ ନୀଳକଣ୍ଠ ପାଟଶାଣୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଛି।



# ଭୂଷଣ୍ଡପୁର ଦୋଳଯାତ୍ରା ପ୍ରସ୍ତୁତି ବୈଠକ

ଭୂଷଣ୍ଡପୁର,୨୫।୨(ସମିସ): ଟାଙ୍ଗୀ ବ୍ଲକର ମରାଳ ମାଳିନୀ ନୀଳାମ୍ବୁ ଚିଲିକା ତଟବର୍ତୀ ଭୂଷଣ୍ଡପୁର ବାଲିପାଟପୁରର ବହୁପୁରାତନ ଐତିହ୍ୟ ସମ୍ପର୍ଣ୍ଣ ଆଗାମୀ ଦୋଳଯାତ୍ରା ପାଇଁ ଭୂଷଣ୍ଡପୁର ଗ୍ରାମ ପଂଚାୟତ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୂଷଣ୍ଡପୁର, ବଲିପାଟପୁର ଗ୍ରାମରେ ଅନୁଷ୍ଠିତ ବୈଠକରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ, ଭୂଷଣ୍ଡପୁର ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଉମାକାନ୍ତ ବାବୁ, ରଂଜିତ ନାୟକଙ୍କ ସହିତ ଉଭୟ ମୁଳକର ସଭାପତି ଏବଂ ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ। ଆଗାମୀ ଦୋଳଯାତ୍ରାକୁ ଶାନ୍ତି ଶୃଙ୍ଖଳର ସହିତ ସମାପନ କରିବା ପାଇଁ ଆଲୋଚନା ହୋଇଥିଲା।

# ଯୁବକଙ୍କ ହୃଦ୍‌ଘାତରେ ପରଲୋକ

ଟାଙ୍ଗୀ,୨୫।୨(ସମିସ): ଟାଙ୍ଗୀ ଥାନା ଚିଲିକା ବ୍ଲକ କାଲୁପଡାଘାଟ ଅଳାଁଡିହ ଗ୍ରାମର ଜନାର୍ଦନ ମହାନ୍ତିଙ୍କ ପୁତ୍ର ଅଶୋକ କୁମାର ମହାନ୍ତି(୫୦)ଙ୍କ ହୃଦଘାତରେ ପରଲୋକ ଘଟିଛି। ଗତକାଲି ହଠାତ ଅସୁସ୍ଥତା ଅନୁଭବ ପରେ ଚାନ୍ଦପୁର ବସନ୍ତମଞ୍ଜରୀ ଜେନେରାଲ ହସପିଟାଲ କୁ ନିଆଯାଇଥିଲା ସେଠାରୁ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅନୁଭବ କରିବାରୁ ଘରକୁ ଫେରାଇ ଆଣିଥିଲେ। ଆଜି ଘରେ ବସିଥିବା ବେଳେ ହୃଦଘାତର ଶିକାର ହୋଇ ପରଲୋକ ହୋଇଛି। ତାଙ୍କର ଏହି ଅକାଳ ବିୟୋଗରେ କେବଳ ତାଙ୍କ ଜନ୍ମମାଟି ନୁହେଁ ଟାଙ୍ଗୀରେ ମଧ୍ୟ ଶୋକର ଛାୟା ଖେଳିଯାଇଛି।

# ଫସଲରେ ରୋଗ ପୋକ ନିୟନ୍ତ୍ରଣ ଓ ପ୍ରତିକାର ସମ୍ପର୍କିତ କର୍ମଶାଳା

ଖୋର୍ଦ୍ଧା,୨୫।୨(ସମିସ): ଖୋର୍ଦ୍ଧା ବ୍ଲକ କୃଷି ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଚାଷ ଜମି ଫସଲରେ ରୋଗ ପୋକ ନିୟନ୍ତ୍ରଣ ଓ ତାର ପ୍ରତିକାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ଦେବସ୍ମିତା ମିଶ୍ରଙ୍କ ଆୟୋଜନରେ ଅତିଥି ରୂପେ କୃଷି ବିଭାଗର ମୁଖ୍ୟ କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ଫସଲରେ ରୋଗ ପୋକ ନିୟନ୍ତ୍ରଣ, ନିରାକରଣ ଓ ଜୈବିକ ସାର ର ପରିଚାଳନା ସହିତ ରାସାୟନିକ ସାରର ସୁ ପରିଚାଳନା ଉପରେ ଚାଷୀଙ୍କୁ ବୁଝାଇଥିଲେ। ସେହିପରି କୃଷି ଜିଲ୍ଲା ଅଧିକାରୀ ସୁବ୍ରତ କୁମାର ରଥ ଯୋଗଦେଇ ଫସଲରେ ଜୈବିକ ସାର ଓ ରାସାୟନିକ ସାରର ବ୍ୟବହାର ଏବଂ ତାହାର ଉପକାରିତା ଉପରେ କହିଥିଲେ। ଅନ୍ୟତମ ଅତିଥିରୂପେ ସହକାରୀ କୃଷି ଅଧିକାରୀ ସରୋଜିନୀ ଯୋଗଦେଇ ଚାଷୀମାନଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା, ତାର ଲାଭ କିଭଳି ଜଣେ ଚାଷୀ ପାଇପାରିବ ଓ ଏହା ଦ୍ୱାରା କିଭଳି ଲାଭାନ୍ୱିତ ହୋଇ ଆତ୍ମନିର୍ଭଳଶୀଳ ହୋଇପାରିବେ ତାହା ଉପରେ ବୁଝାଇଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୫।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ (କନ୍ଧପାଳ) ଗ୍ରାମ ସ୍ଥିତ ମା ମଙ୍ଗଳା ମନ୍ଦିର ପରିସରରେ ତିନି ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ଏହି ଯଜ୍ଞାଚାର୍ଯ୍ୟ ପ୍ରମୋଦ କୁମାର ଦାଶଙ୍କ ତତ୍ୱାବଧାନରେ ସନ୍ତୋଷ କୁମାର ସ୍ୱାଇଁ ଓ ପତ୍ନୀ ଗୀତାଞ୍ଜଳି କର୍ତ୍ତା ଭାବେ ଉପବେସନ୍ କରିବୈଦିକରୀତିନୀତିଅନୁଯାଇଅଙ୍କୁରାରୋପଣ ଓ ମଣ୍ଡଳୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ କଳସଯାତ୍ରା, ଶାଳାପୂଜା, ଉପଚାର, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀ ସହ ଦେବଦେବୀ ଆହୁତି ହୋଇଥିଲା। ଶେଷରେ ଭକ୍ତି ଓ ଭାବମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି ହୋଇ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମାଣିକଙ୍କ ସମେତ ଆଞ୍ଚଳିକ ଭକ୍ତବୃନ୍ଦ ସହଯୋଗ କରିଥିଲେ।

# ଗବେଷକ ଗୋପାଳକୃଷ୍ଣ ଦାସଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨୫।୨(ସମିସ):



ଶାନ୍ତିନିକେତନ ବିଶ୍ୱଭାରତୀ ପ୍ରାକ୍ତନୀ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ତଥା ଗବେଷକ ଗୋପାଳକୃଷ୍ଣ ଦାସଙ୍କୁ ପ୍ରାକ୍ତନୀ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓ ଓଡ଼ିଆ ଉତ୍କର୍ଷ କେନ୍ଦ୍ରର ପ୍ରାକ୍ତନ ଅଧିକ୍ଷକ ପ୍ରଫେସର ବସନ୍ତ କୁମାର ପଣ୍ଡା ଏହି ସମ୍ମାନ ପ୍ରଦାନ କରିଥିଲେ। ଶାନ୍ତିନିକେତନର ଛାତ୍ର ଗୋପାଳକୃଷ୍ଣ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ସମାବର୍ତ୍ତନ ଉତ୍ସବରେ ସମ୍ମାନୀତ ହୋଇଥିଲେ। କେନ୍ଦ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମଗ୍ର ଭାରତର ପ୍ରେକ୍ଷାଳୟରେ ଏହା ପ୍ରଦର୍ଶିତ ହୋଇଥିଲା। ଓଡ଼ିଆ ବିଭାଗରେ ସଂରକ୍ଷିତ ତାଳପତ୍ର ପୋଥି ସାରଳା ଦାସ ବିରଚିତ ଚନ୍ଦ୍ରାବତୀ ହରଣ କାବ୍ୟର ସେ ଶୁଦ୍ଧ ସମ୍ପାଦନ କରିଥିଲେ। ଏଥି ସହ ସ୍ୱ-ଅଙ୍କିତ ଚିତ୍ରକଳାର ପ୍ରଦର୍ଶନୀ ସହିତ ରବୀନ୍ଦ୍ର ସଙ୍ଗୀତ ଗାୟନ ଓ ବସନ୍ତ ଉତ୍ସବରେ ନୃତ୍ୟ କରି ଖୁବ୍ ପ୍ରଶଂସିତ ହୋଇଥିଲେ। ସେଠାରେ ଛାତ୍ର ଭାବରେ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରବନ୍ଧ ପ୍ରତିଯୋଗୀତାରେ ପୁରସ୍କୃତ ହୋଇଥିଲେ। ପ୍ରାଣନାଥ ମହାବିଦ୍ୟାଳୟରେ ୩୦ବର୍ଷର ଅଧାପନା କାଳରେ ଶ୍ରୀ ଦାସ ପ୍ରାଚୀନ କୀର୍ତିର ସଂରକ୍ଷଣ ଓ ସାମାଜିକ କାର୍ଯ୍ୟ ପାଇଁ ୨ଜଣ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

# କାଇପଦର ପ୍ରିମିୟର ଲିଗ୍ କ୍ରିକେଟ; ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା,୨୫।୨(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ପଂଚାୟତ ଠାରେ ସ୍ୱସ୍ତିକ କ୍ଲବ ପକ୍ଷରୁ ତୃତୀୟବର୍ଷ କାଇପଦର ପ୍ରିମିୟର ଲିଗ୍ ଆଜି ଉଦଘାଟିତ ହୋଇଛି। ପ୍ରଥମେ ଟସ୍ ଜିତି ପାଇକ ଫାଇଟର୍ସ ୧୫ ଓଭରରେ ୮ ୱିକେଟ ହରାଇ ୧୧୨ ରନ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ମଙ୍ଗରାଜ ୩୧ ବଲରେ ୪୫ ରନ କରିଥିଲେ। ଜବାବରେ ବାବା ୱାରିୟର୍ସର ବୋଲର ରାକେଶ ମହାପାତ୍ର ୩ ଓଭର ବୋଲିଂ କରି୨୦ ରନ ଦେଇ ୩ ୱିକେଟ ନେଇଥିଲେ। ଦଳ ୧୩.୪ ଓଭର ଖେଳି ମାତ୍ର ୭୩ ରନ୍ କରି ସମସ୍ତ ୱିକେଟ୍ ହରାଇଥିଲେ। ଫଳରେ ୩୯ ରେ ପାଇକ ଫାଇଟରସ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଚନ୍ଦ୍ରକାନ୍ତ ସାମନ୍ତ ସିଂହାର ୩ ଓଭର ବୋଲିଙ୍ଗ କରି ମାତ୍ର ୬ରନ୍ ଦେଇ ୪ଟି ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ୍ ହୋଇ ଥିଲେ। ଆଜିର ମ୍ୟାଚ୍ ରେ ଅମ୍ପିୟାର ଝଜ ସାମନ୍ତରାୟ ଓ ସନୁଜ ବିଶ୍ୱାଳ ଥିଲେ। ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଅରିସ, ସାଂସଦ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ସୁଟୁ ପାଇକରାୟ, ଭାରତ ସିଂହ, ଶ୍ୟାମ ସୁନ୍ଦର ଶ୍ରୀଚନ୍ଦନ, ଭିକାରୀ ବଳିୟାରସିଂହ, ଗୋପୀ ନାଥ ମହାରଥି, ଶରତ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ପରିଚାଳନାରେ ରାଜେଶ ସୁବୁଦ୍ଧି, ଶୁଭ ରଣସିଂହ, କୁଲୁ ରାଉତରାୟ, ଦିଲ୍ଲୀପ ସାହୁ, ତାରା ପ୍ରସାଦ ପାଲଟା ସିଂହ, ଆଦିତ୍ୟ ବଳିୟାର ସିଂହ, ତପୁ ରଣସିଂହ ସହଯୋଗ କରିଥିଲେ।

# ବିଏମ୍‌ଏସ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା,୨୫ ।୨(ସମିସ):



ସର୍ବ ଭାରତୀୟ ସ୍ତରରେ ଶ୍ରମିକ ମାନଙ୍କ ବହୁବିଧ ସମସ୍ୟା ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାରତୀୟ ମଜଦୂର ସଂଘ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ବିକ୍ଷୋଭ ସହ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ସମସ୍ତ କ୍ଷେତ୍ର ଏବଂ ସମସ୍ତ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନର ସାର୍ବଜନୀନ, ଦୁଇଟି ଶ୍ରମ ସଂହିତା, ଯଥା ଶିଳ୍ପ ସମ୍ପର୍କ ସଂହିତା, ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ସଂଶୋଧନ, ଭାରତୀୟ ଶ୍ରମ ସମ୍ମିଳନୀ ଆୟୋଜନ ଏବଂ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ତ୍ରିପାକ୍ଷିକ କମିଟି ଗୁଡ଼ିକର ପୁନର୍ଗଠନ କରାଯାଉ। ସର୍ବନିମ୍ନ ପେନସନ ୧,୦୦୦ ରୁ ୭,୫୦୦କୁ ବୃଦ୍ଧି ସହ ମହଙ୍ଗା ସହାୟତା ଦିଆଯାଉ। ଇଏସ୍ଆଇ ଓ ଇପିଏଫ ସୁବିଧା ସୁନିଶ୍ଚିତ କରାଯାଉ। ବୋନସ୍ ପ୍ରଦାନ ଆଇନ, ୧୯୬୫ ଅନୁଯାୟୀ ବୋନସ୍ ପାଇଁ ଯୋଗ୍ୟତା ସୀମା ବୃଦ୍ଧି, ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୬ ଏବଂ ୨୧ ର ପ୍ରକୃତ ଆକାରେ ଯୋଜନା କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା, ସାଧାରଣ ନିଯୁକ୍ତି ଉପରେ ପ୍ରତିବନ୍ଧକ ତୁରନ୍ତ ପ୍ରତ୍ୟାହାର ଏବଂ ଚାକିରି କ୍ଷେତ୍ରରେ ଅନିଶ୍ଚିତତା କିମ୍ବା ଅସୁରକ୍ଷିତତା ବିନା ନିଶ୍ଚିତ ନିଯୁକ୍ତି ଦାବି କରିଛନ୍ତି। ଶ୍ରମିକ ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଉପରୋକ୍ତ ଦାବିଗୁଡ଼ିକୁ ସମାଧାନ ଏବଂ ପୂରଣ କରିବା ପାଇଁ ଭାରତ ସରକାର ଏ ଦିଗରେ ତୁରନ୍ତ ଏବଂ ଉପଯୁକ୍ତ ପଦକ୍ଷେପ ନେବେ ଏବଂ ସକାରାତ୍ମକ ପ୍ରତିକ୍ରିୟା ଦେବେ ବୋଲି ଆଶା କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡା, ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନବାଡ଼ି ୱାର୍କର୍ସ ଆସୋସିଏସନ୍ ର ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, ଖୋର୍ଦ୍ଧା ଜିଲ୍ଲା ଭାରତୀୟ ମଜଦୁର ସଂଘର ସଭାପତି ଅକ୍ଷୟ ରାଉତରାୟଙ୍କ ସମେତ ଏକାଧିକ କର୍ମୀ, ଆଶା, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

# ବାଣପୁର ଐତିହାସିକ ପଞ୍ଚଦୋଳ ଯାତ୍ରା ପ୍ରସ୍ତୁତି ବୈଠକ



ବାଣପୁର,୨୫।୨(ସମିସ): ସମଗ୍ର ବାଣପୁର-ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଐତିହାସିକ ପଞ୍ଚଦୋଳ ଯାତ୍ରାରେ ୧୬୪ ଦୋଳ ଠାକୁରଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବାଣପୁର ସ୍ଥିତ ଐତିହାସିକ ପଲଟଣ ପଡିଆରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ପଞ୍ଚଦୋଳ ଯାତ୍ରା ତିଥି ଅନୁଯାୟୀ ଚଳିତ ମାର୍ଚ୍ଚ ମାସ ୮ ତାରିଖ ରବିବାର ରାତ୍ରରେ ଦେବଦେବୀଙ୍କ ଆଗମନ ହେବାକୁ ଥିବାବେଳେ ୯ ତାରିଖ ସୋମବାର ମେଳଣ ଉତ୍ସବ ଅନୁଷ୍ଠିତ ହେବା ଲାଗି ଧାର୍ଯ୍ୟ ହୋଇଛି। ଏଥି ନିମନ୍ତେ ପଞ୍ଚଦୋଳ ଯାତ୍ରା କମିଟିର ସଂପାଦକ ମାଧବଚନ୍ଦ୍ର ବାରିକଙ୍କ ଆବାହାକତ୍ୱରେ ବାଣପୁର ତହସିଲଦାର ତଥା ପଞ୍ଚଦୋଳ ଯାତ୍ରା କମିଟିର ସଭାପତିଙ୍କ ଅନୁପସ୍ଥିତିରେ ବରିଷ୍ଠ ଉପସଭାପତି ନଳିନୀକାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୁଧବାର ଅପରାହ୍ନରେ ଐତିହାସିକ ପଲଟଣ ପଡିଆ ସ୍ଥିତ ଛାୟା ମଣ୍ଡପରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଗତ ବର୍ଷର ଯାତ୍ରାର ହିସାବ ପଠନ କରାଯିବା ସହ ଚଳିତ ବର୍ଷର ପଞ୍ଚଦୋଳ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ମହାଆଡ଼ମ୍ବର ସହକାରେ ପାଳନ ନିମନ୍ତେ ସ୍ଥିରୀକୃତ ହୋଇଛି। ଚଳିତ ବର୍ଷ ଯାତ୍ରାରେ ପ୍ରବଳ ଜନସମାଗମକୁ ନଜରରେ ରଖି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ ନିମନ୍ତେ ଯଥାଶୀଘ୍ର ଆଗାମୀ ବୈଠକ ଡକାଯାଇ ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି। ଠାକୁରଙ୍କ ଆଗମନ ତଥା ମାର୍ଚ୍ଚ ୮ ତାରିଖ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ନିର୍ଦ୍ଧାରିତ ସମୟରେ ଠାକୁରମାନଙ୍କ ଶୃଙ୍ଖଳିତ ଆଗମନକୁ ଗୁରୁତ୍ୱର ସହ ନେଇ ସମସ୍ତ ମନ୍ଦିର ଟ୍ରଷ୍ଟି ମାନଙ୍କୁ ଦାୟୀତ୍ୱ ଦେବା ନେଇ ସ୍ଥିର କରାଯାଇଛି। ଏହି ବୈଠକରେ ଯାତ୍ରା ପରିଚାଳନା କମିଟିର ସମସ୍ତ କାର୍ଯ୍ୟକାରୀ ସଦସ୍ୟ ସମେତ ବହୁ ଯାତ୍ରା କମିଟି ସଦସ୍ୟ ଓ ସମସ୍ତ ମନ୍ଦିରର ଟ୍ରଷ୍ଟି ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

